# ECHO OF HIS CALL

## ଆହ୍ୱାନର ପ୍ରତିଧ୍ୱନି

ODIA

ECHO OF HIS CALL 1969-2019 GOLDEN JUBILEE
REACHING NATIONS

India's National Spiritual Newspaper

₹ 10/-

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXVII YEAR OF OUR LORD JESUS CHRIST, 2025 AUGUST No.06


### ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଗୀତସଂହିତା ୩୭:୧-୮)

୧ ତୁମ୍ଭେ ଦୁଷ୍କର୍ମକାରୀମାନଙ୍କ ସକାଶୁ ଆପଣାକୁ ବିରକ୍ତ କର ନାହିଁ, କିଅବା ଅଧର୍ମାଚାରୀମାନଙ୍କ ପ୍ରତି ଈର୍ଷାଭାବ ବହ ନାହିଁ ।

୨ କାରଣ ସେମାନେ ଘାସ ପରି ଶୀଘ୍ର କଟା ଯିବେ ଓ କୋମଳ ତୃଣ ପରି ଶୁଷ୍କ ହେବେ ।

୩ ସଦାପ୍ରଭୁଙ୍କଠାରେ ନିର୍ଭର ରଖି ସୁକର୍ମ କର; ଦେଶରେ ବାସ କରି ବିଶ୍ୱସ୍ତତାର ଅନୁଗାମୀ ହୁଅ ।

୪ ମଧ୍ୟ ସଦାପ୍ରଭୁଙ୍କଠାରେ ଆନନ୍ଦ କର; ତହିଁରେ ସେ ତୁମ୍ଭର ମନୋବାଞ୍ଛା ପୂର୍ଣ୍ଣ କରିବେ ।

୫ ସଦାପ୍ରଭୁଙ୍କଠାରେ ତୁମ୍ଭର ଗତି ସମର୍ପଣ କର; ମଧ୍ୟ ତାହାଙ୍କଠାରେ ନିର୍ଭର ରଖ, ତହିଁରେ ସେ ତାହା ସଫଳ କରିବେ ।

୬ ଆଉ, ସେ ଦୀପ୍ତି ତୁଲ୍ୟ ତୁମ୍ଭର ଧର୍ମ ଓ ମଧ୍ୟାହ୍ନ ତୁଲ୍ୟ ତୁମ୍ଭର ବିଚାର ପ୍ରକାଶ କରାଇବେ ।

୭ ସଦାପ୍ରଭୁଙ୍କଠାରେ ସୁସ୍ଥିର ହୁଅ ଓ ଧୈର୍ଯ୍ୟ ଧରି ତାହାଙ୍କ ଅପେକ୍ଷାରେ ରୁହ; ଯେ ନିଜ ମାର୍ଗରେ କୃତକାର୍ଯ୍ୟ ହୁଏ, ଯେଉଁ ଜନ କୁସଂକଳ୍ପ ସାଧନ କରେ, ତାହା ସକାଶୁ ଆପଣାକୁ ବିରକ୍ତ କର ନାହିଁ ।

୮ କ୍ରୋଧରୁ କ୍ଷାନ୍ତ ହୁଅ ଓ କୋପ ତ୍ୟାଗ କର; ଆପଣାକୁ ବିରକ୍ତକର ନାହିଁ, ତାହା କେବଳ ଦୁଷ୍କର୍ମ କରିବାକୁ ପ୍ରବର୍ତ୍ତାଏ ।

# ଫଳ ଧାରଣ କରିବା ନିମନ୍ତେ ସ୍ୱାଧୀନତା

ଭଉଣୀ ଆଞ୍ଜେଲ୍

**FREEDOM TO BEAR FRUIT !**

ପ୍ରିୟ ଆହ୍ୱାନର ପ୍ରତିଧ୍ୱନିର ସଂପ୍ରସାରିତ ପରିବାର ଆମ ଦେଶର ୭୫ ତମ ସ୍ୱାଧୀନତା ଦିବସ ଅବସରରେ ଆପଣମାନଙ୍କ ପ୍ରତ୍ୟେକଙ୍କୁ ଉଷ୍ମ ଅଭିବାଦନ ।



ଆଜି, ଆମେ କୃତଜ୍ଞତାର ସହିତ ସେହି ଅଗଣିତ ଶହୀଦମାନଙ୍କୁ ସ୍ମରଣ କରୁଅଛୁ ଓ ସମ୍ମାନ ଜଣାଉଅଛୁ ଯେଉଁମାନେ ନିଃସ୍ୱାର୍ଥପର ଭାବରେ ସେମାନଙ୍କର ଜୀବନ ଉତ୍ସର୍ଗ କରିଥିଲେ ଯେପରିକି ଆମେ ସ୍ୱାଧୀନତାର ଆଶୀର୍ବାଦଗୁଡ଼ିକୁ ଉପଭୋଗ କରିପାରିବୁ । ମୁଁ ଏହି ବିଷୟ ବସ୍ତୁ ଉପରେ ଅନୁଚିନ୍ତା କରୁଥିବା ସମୟରେ, ମୋତେ ଏକ ଅଧିକ ଶ୍ରେଷ୍ଠତର ସ୍ୱାଧୀନତା ବିଷୟରେ ସ୍ମରଣ କରାଇ ଦିଆଯାଇଥିଲା - ଯାହାକୁ ଆମ ନିମନ୍ତେ ହାସଲ କରିବା ପାଇଁ ଯୀଶୁ ଖ୍ରୀଷ୍ଟ ଯୁଦ୍ଧ କରିଥିଲେ ।

ଧର୍ମଶାସ୍ତ୍ର ଆମକୁ ଏହି ଶିକ୍ଷା ଦେଇଛି ଯେ **"ଆମେ ଦିନେ ପାପର ଦାସ ଥିଲୁ"** (ରୋମୀୟ ୬:୨୦) । ପ୍ରେରିତ ପାଉଲ ଏହାକୁ ରୋମୀୟ ୭:୨୪ରେ ସ୍ପଷ୍ଟଭାବରେ ପ୍ରକାଶ କରିଛନ୍ତି **"ହାୟ, ଦୁର୍ଭାଗ୍ୟ ମନୁଷ୍ୟ ଯେ ମୁଁ, ମୋତେ ଏହି ମୃତ୍ୟୁର ଶରୀରରୁ କିଏ ଉଦ୍ଧାର କରିବ ?"** ଏହା କେବଳ ପାଉଲଙ୍କର ଅବସ୍ଥା ନ ଥିଲା, ଏହା ସମସ୍ତ ମନୁଷ୍ୟ ଜାତିର ଅବସ୍ଥା ଥିଲା । ଆମେ ଉଦ୍ଧାର ବିନା ଆଶାହୀନ ଥିଲୁ ।

ମାତ୍ର ଯୀଶୁ ଖ୍ରୀଷ୍ଟ ଆମ ଜଗତ ମଧ୍ୟକୁ ପ୍ରବେଶ କରିଥିଲେ, କାଲ୍‌ଭରୀର କ୍ରୁଶ ଉପରେ ନିଜର ପ୍ରାଣ ଦେଇଥିଲେ ଓ ତୃତୀୟ ଦିବସରେ ବିଜୟୀ ହୋଇ ପୁନରୁତ୍ଥିତ ହୋଇଥିଲେ । ନିଜର ମୃତ୍ୟୁ ଓ ପୁନରୁତ୍ଥାନ ମାଧ୍ୟମରେ, ସେ ପାପ,

*(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)*




**ଆହ୍ୱାନର ପ୍ରତିଧ୍ୱନିର**

*ୟୁ-ଟ୍ୟୁବ୍ ଖ୍ରୀଷ୍ଟିଆନ ଚ୍ୟାନେଲ !*

**ଆପଣମାନେ ପାଳକ ଏସ୍. ସାମ୍. ସେଲ୍‌ଭାରାଜ୍‌ଙ୍କ ସହିତ**

**୫ ମିନିଟ୍‌ର ବାର୍ତ୍ତା !!**

**ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ**

**ପ୍ରତିଦିନ ଭୋର ୨ ଟାରେ**

**ତାମିଲ ରବିବାର ଉପାସନା - ସକାଳ ୮.୩୦ରେ**

*** Please Subscribe and Share ***

ECHO OF HIS CALL - (1969-2019 GOLDEN JUBILEE YEAR)

REACHING NATIONS



# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...



## ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

HON. EDITOR-IN-CHIEF
Rev. Angeline S. Kumari, M.A., M.Sc., M.Ed.
EX MANAGING EDITOR
Pastor Alex Samson Sam, B.Th., M.Div.
GENERAL MANAGER
Bro. N. Prakasam, M.A., M.Sc.(C&P), PGDHRM, MBA.
ADMINISTRATION
Sis. Jesy Veena Sam
Adv. K. Puratchivendan, M.Com., C.A., B.L.
Dr. P.E.R. Premchand, M.Sc., M.A., M.Ed., Ph.D.
Dr. C.G.S. Baburao, B.Tech., M.Tech. (DM), Ph.D.
Dr. Rabinder Boaz, M.S. (CMC)
EDITORIAL BOARD
Dr. Serena Bevin, M.A., M.Phil., B.Ed.
Sis. Sajini Cherian
Rev. Dr. K.R. Rajasekaran
Rev. Dr. William Robert, Ph.D., DD, D.Lit.

EDITOR, PUBLISHER & PRINTER
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 98412 71858
95661 31858
E.MAIL
sam@echoofhiscall.org
biblecor@yahoo.co.in
WEBSITES
www.echoofhiscall.org
www.stpaulsmatriculation.org
YOUTUBE CHANNEL
Echo of His Call

**"ସଦାପ୍ରଭୁ ମୋହର ପ୍ରତିପାଳକ,
ମୋହର ଅଭାବ ହେବ ନାହିଁ" ଗୀତସଂହିତା ୨୩:୧**




## ସେବାକାର୍ଯ୍ୟର ୫୭ ତମ ବର୍ଷରେ ପ୍ରବେଶ କରିବା

ଆମର ପ୍ରଭୁ ଓ ତ୍ରାଣକର୍ତ୍ତା, ଯୀଶୁ ଖ୍ରୀଷ୍ଟଙ୍କ ନାମରେ ପ୍ରଶଂସା ହେଉ ।

ଈଶ୍ୱରଙ୍କ ଅନୁଗ୍ରହ ଓ ଦୟାରୁ, ମୁଁ ମାତ୍ର ସାତ ବର୍ଷ ବୟସରେ ଈଶ୍ୱରଙ୍କର ସେବାକାର୍ଯ୍ୟ କରିବା ପାଇଁ ଇଚ୍ଛା କରିଥିଲି । ଯେପରି ଲେଖାଅଛି :

***"କାରଣ ଇଚ୍ଛା କରିବାକୁ ଓ ସାଧନ କରିବାକୁ ଈଶ୍ୱର ଆପଣା ମଙ୍ଗଳମୟ ସଙ୍କଳ୍ପର ସାଫଲ୍ୟ ନିମନ୍ତେ ତୁମ୍ଭମାନଙ୍କ ଅନ୍ତରରେ କାର୍ଯ୍ୟ କରନ୍ତି" – ଫିଲିପ୍ପୀୟ ୨:୧୩***

ପ୍ରଥମେ ଏହି ସ୍ୱର୍ଗୀୟ ଆହ୍ୱାନ ନେୟୁର ଚର୍ଚ୍ଚ ଅଫ୍ ସାଉଥ୍ ଇଣ୍ଡିଆ, ନେଲ୍ଲାରାଇକୋନମ୍ ସ୍ଥିତ ମୋର ନିଜସ୍ୱ ମଣ୍ଡଳୀରେ ଅଙ୍କୁରିତ ହୋଇଥିଲଣ । ସେହି ସମୟଠାରୁ, ଈଶ୍ୱର ମୋତେ ଜଗତର ଦୁର୍ନୀତିପୂର୍ଣ୍ଣ ପ୍ରଭାବରୁ ବିଶ୍ୱସ୍ତଭାବେ ସୁରକ୍ଷିତ ରଖିଛନ୍ତି ଓ ତାଙ୍କର ସେବକ ଭାବରେ ମୋତେ ସୁଗଠିତ ଓ ସୁଶିକ୍ଷିତ କରି ଚାଲିଛନ୍ତି । ଈଶ୍ୱରଙ୍କ ପ୍ରେମ ମୋର ସମଗ୍ର ଜୀବନରେ ଅତି ପ୍ରଚୁର ହୋଇ ରହିଛି । ସେ ମୋତେ ମୋର ନିଜସ୍ୱ ଇଚ୍ଛା ଦ୍ୱାରା ଗଠିତ ହୋଇଥିବା ଏକ ଜୀବନ ଦେବା ପରିବର୍ତ୍ତେ, ପ୍ରେମରେ ମୋତେ ସଂଶୋଧନ ଓ ଶାସନ କରିଥିଲେ, ଓ ମୋତେ ଉଭୟ ନିଜର ପୁତ୍ର ଓ ନିଜର ସେବକ କରିଥିଲେ ।

***"ଶାସନ ଉଦ୍ଦେଶ୍ୟରେ ତ ତୁମ୍ଭେମାନେ କ୍ଲେଶ ସହ୍ୟ କରୁଅଛ, ଈଶ୍ୱର ତୁମ୍ଭମାନଙ୍କ ସହିତ ପୁତ୍ର ତୁଲ୍ୟ ବ୍ୟବହାର କରୁଅଛନ୍ତି, କାରଣ ପିତା ଯାହାକୁ ଶାସନ ନ କରନ୍ତି, ଏପରି ପୁତ୍ର କିଏ ଅଛି ?" ଏବ୍ରୀ ୧୨:୭***



ଯାତ୍ରା ଏତେ ସହଜ ହୋଇ ନ ଥିଲା । ଯେଉଁ ପଥରେ ମୁଁ ଚାଲୁଥିଲି, ତାହା ମନୁଷ୍ୟର ଶକ୍ତି ଅପେକ୍ଷା ଅତ୍ୟଧିକ କ୍ଲେଶ ଓ ଦୁଃଖରେ ପରିପୂର୍ଣ୍ଣ ଥିଲା । ତଥାପି ତାଙ୍କ କୋଳରେ ଆଉଜି ପଡ଼ିବା ପାଇଁ ଓ ବେଳେ ବେଳେ ଜୀବନର ଅତି କଷ୍ଟକର ସମୟରେ ତାଙ୍କ ସ୍କନ୍ଧ ଉପରେ ବହନ କରାଯିବା ପାଇଁ ମୋତେ ସୁଯୋଗ ମିଳିଥିଲି । ଈଶ୍ୱର ଯେ ଉତ୍ତମ ଅଟନ୍ତି, ଏଥିରେ ମୋର କୌଣସି ସନ୍ଦେହ ନାହିଁ । ତାଙ୍କର ପାଞ୍ଚଣ ଓ ବାଡ଼ି ମୋର ସାନ୍ତ୍ୱନା ହୋଇ ରହିଛି ।

ବିଗତ ୫୬ ବର୍ଷର ସେବାକାର୍ଯ୍ୟ ମଧ୍ୟରେ, ପ୍ରଭୁ ମୋତେ ଅସଂଖ୍ୟ ସ୍ମରଣୀୟ ଓ ଅର୍ଥପୂର୍ଣ୍ଣ ଅନୁଭୂତି ପ୍ରଦାନ କରିଛନ୍ତି । ତାଙ୍କର ଅପରିମେୟ ଅନୁଗ୍ରହ ଦ୍ୱାରା, ମୁଁ ବର୍ତ୍ତମାନ ୨୦୨୫ ଅଗଷ୍ଟ ୧୯ ତାରିଖ ଦିନ ସୁସ୍ଥ ଶରୀର, ଆତ୍ମା ଓ ଏକ ଉତ୍ତମ ସାକ୍ଷ୍ୟ ସହିତ ୫୭ତମ ସେବାକାର୍ଯ୍ୟର ବର୍ଷ ମଧ୍ୟକୁ ପ୍ରବେଶ କରିଅଛି ।

***ବର୍ତ୍ତମାନର ଯୁଗ ନିକଟରେ ପ୍ରଥମ ଶତାବ୍ଦୀ ମଣ୍ଡଳୀର ପ୍ରେରିତମାନଙ୍କ ଅମିଶ୍ରିତ ଶିକ୍ଷାର ପ୍ରଚାର ସମ୍ବନ୍ଧୀୟ ନିୟମ ଅନୁସରଣ କରି, ଆମର ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ କୌଣସି ଅତିରିକ୍ତ ଖର୍ଚ୍ଚ ବିନା ଓ ଆକସ୍ମିକ ଅର୍ଥନୈତିକ ସଂପ୍ରସାରଣ ବିନା କାର୍ଯ୍ୟ କରିବା ଅବ୍ୟାହତ ରଖିଛି ।***

ଆମେ, ମୁଖ୍ୟତଃ, ଈଶ୍ୱରଙ୍କର ପ୍ରତିପୋଷଣକାରୀ ଅନୁଗ୍ରହ ଦ୍ୱାରା ଆମର ଦର୍ଶନ ଓ ଆହ୍ୱାନ ପ୍ରତି ସମର୍ପିତ ହୋଇ ରହିଛୁ ।

କେବଳ ତାଙ୍କ ପ୍ରତି ସମସ୍ତ ଗୌରବ ହେଉ !

Our Ministries: ECHO OF HIS CALL Monthly Magazines (16 languages) BIBLECOR - Postal Courses (3 languages) YouTube Ministry Online Courses Theological Correspondence Courses (2 languages) Church Planting Nehemiah Bible Colleges Gospel Printing Press Great Commission Partners St. Paul's Matriculation School Crusades Community Development

## ଆମର ବର୍ତ୍ତମାନର ସେବାକାର୍ଯ୍ୟ

୧. ୨୪ ଘଣ୍ଟିଆ ପ୍ରାର୍ଥନା ସହାୟତା
୨. ମଣ୍ଡଳୀ ପ୍ରତିରୋପଣ
୩. **ଆହ୍ୱାନର ପ୍ରତିଧ୍ୱନି** – ୧୬ ଭାଷାରେ ପ୍ରକାଶିତ ମାସିକ ପତ୍ରିକା ।
୪. **ବାଇବଲ କୋର୍** – ୫ଟି ଭାଷାରେ ପ୍ରଦତ୍ତ ଓ ଡ଼ାକ ଦ୍ୱାରା ପ୍ରେରିତ ହେଉଥିବା ମୌଳିକ ବାଇବଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ।
୫. ଥିଓଲୋଜିକାଲ କରେସ ପଣ୍ଡେସ ପାଠ୍ୟକ୍ରମ – ୨ଟି ଭାଷାରେ ।
୬. **ନିହିମିୟା ବାଇବଲ କଲେଜ** – ଚେପକ୍, ସନ୍ତୋଷପୁରମ୍ ଓ ଭେଲାଚେରୀଠାରେ ଆବାସିକ ପ୍ରତିଷ୍ଠାନ ।
୭. ସୁସମାଚାର ଛାପାକଳ ।
୮. **ସେଣ୍ଟପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ** – ଏକ ଗ୍ରାମ୍ୟ ଉଚ୍ଚ ବିଦ୍ୟାଳୟ ।
୯. ଶିକ୍ଷାଧିବେଶନ ।
୧୦. ସୁସମାଚାର ସଭା ।
୧୧. **ଆହ୍ୱାନର ପ୍ରତିଧ୍ୱନି ୟୁ–ଟ୍ୟୁବ୍ ସେବାକାର୍ଯ୍ୟ ।**
୧୨. ସାମାଜିକ କାର୍ଯ୍ୟ ଓ ସେବା

ମୁଁ ପ୍ରଭୁଙ୍କ ନିମନ୍ତେ ମହତ୍ତର କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ରହିଛି ଓ ଉଦ୍‌ଯୋଗ ପୂର୍ଣ୍ଣ ଭାବରେ ପରିଶ୍ରମ କରୁଅଛି । ମୁଁ ଯେପରି "କୌଣସି ପ୍ରକାରେ କେତେ ଜଣଙ୍କୁ ରକ୍ଷା କରିପାରିବି" (୧ କରିନ୍ଥୀୟ ୯:୨୨) ଓ "ପ୍ରଭୁଙ୍କ ନିମନ୍ତେ ଦଳେ ଲୋକଙ୍କୁ ପ୍ରସ୍ତୁତ କରିପାରିବି", ଏଥିପାଇଁ ଚେଷ୍ଟା କରୁଅଛି (ଲୂକ ୧:୧୭) ।

ଏହି ଯାତ୍ରା ମଧ୍ୟରେ ବିଫଳତା, କଷ୍ଟ, ଦୁଃଖ, ଦୁର୍ବଳତା, ତ୍ରୁଟି ଓ ଗଭୀର ନିଃସଙ୍ଗତାର ସମୟ ରହିଥିଲେ ସୁଦ୍ଧା, ମୋ'ଠାରେ କାର୍ଯ୍ୟ କରୁଥିବା ଈଶ୍ୱର ବଳବନ୍ତ ହସ୍ତର ଶକ୍ତି ଦ୍ୱାରା, ମୁଁ ନିରନ୍ତର ଶକ୍ତିଯୁକ୍ତ ହେଉଅଛି । ପ୍ରତ୍ୟେକଟି ଆହ୍ୱାନ ମଧ୍ୟରେ, ସେ ହିଁ କେବଳ ମୋର ପଥ ପ୍ରଦର୍ଶକ, ଯୋଗାଣକର୍ତ୍ତା, ବିଶ୍ୱସ୍ତ ବନ୍ଧୁ ଓ ଅପରିବର୍ତ୍ତନୀୟ ପ୍ରତିପାଳକ ହୋଇ ରହିଛନ୍ତି ।

ଆପଣମାନେ, ଯେଉଁମାନେ ମୋ' ସହିତ ଆନନ୍ଦ ଓ ଦୁଃଖରେ ଠିଆ ହୋଇଛନ୍ତି, ସେମାନଙ୍କ ପ୍ରତି ଈଶ୍ୱର ପ୍ରତ୍ୟେକ ଉତ୍ତମ ଦାନ ସହିତ ଆଶୀର୍ବାଦ କରନ୍ତୁ । ପ୍ରଭୁ ଯେପରି ତାଙ୍କର ଗୌରବମୟ ମିଶନ ନିମନ୍ତେ ଆହୁରି ଅଧିକ ସହକର୍ମୀ ଓ ସହାୟତାକାରୀମାନଙ୍କୁ ଯୋଗାଇବେ, ଏଥିପାଇଁ ମୁଁ ପ୍ରାର୍ଥନା କରୁଛି ।

**"ହେ ପ୍ରଭୁ, ଯେତେବେଳେ ଅନ୍ଧକାର ମୋତେ ପରିବେଷ୍ଟିତ କରେ, ସେତେବେଳେ ତୁମେ ମୋ' ସହିତ ଥାଅ ! ମୁଁ ଗୋଟିଏ ଅନାଥ ଭଳି ଘୁରିବୁଲୁଥିଲି– ତଥାପି ତୁମେ ମୋତେ କୁଣ୍ଢାଇ ଧରିଲ ।"**

**୧. ମରୁପ୍ରାନ୍ତର ମଧ୍ୟ ଦେଇ ଚାଲୁଥିବା ସମୟରେ, ତୁମେ ମୋତେ ସୁରକ୍ଷା ଦେବ ! ଯଦିଓ ପଥ କଷ୍ଟକର ଓ ରଗଡ଼ା ଅଟେ, ତଥାପି ତୁମେ ମୋତେ ଅନୁଗ୍ରହରେ ସାନ୍ତ୍ୱନା ଦେବ ।**

**୨. ମାରାର ତିକ୍ତ ଜଳକୁ ମଧୁର କରାଯିବ – ମୋର ଅପରିବର୍ତ୍ତନୀୟ ପ୍ରିୟତମ, ଯୀଶୁ ମୋର ଅତି ଆପଣାର ହୋଇଛନ୍ତି । ଯୀଶୁ ! ତୁମେ ଏହି ଦରିଦ୍ରକୁ ତୁମର ପରାକ୍ରମୀବାହୁରେ ଧରି ରଖିବ ।**

**୩. ଯେତେବେଳେ ମୋର ପାଦ ଖସିଯାଏ, ସେତେବେଳେ ତୁମର ଅନୁଗ୍ରହ ମୋତେ ବଞ୍ଚାଅ । ତୁମେ ମୋର ଶୃଙ୍ଗକୁ ତୈଳାଭିଷିକ୍ତ କରିବ ଓ ମୋତେ ଉଚ୍ଚୀକୃତ କରିବ ।**

ଈଶ୍ୱରଙ୍କ ଅନୁଗ୍ରହ ଆପଣାମାନଙ୍କର ସହବର୍ତ୍ତୀ ହେଉ । ଆମେନ୍ ।

ପାଳକ ଏସ୍.ସାମ୍.ସେଲ୍‌ଭାରାଜ
E.mail : sam@echoofhiscall.org

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ଅଭିଶାପ ଓ ମୃତ୍ୟୁକୁ ଜୟ କରିଥିଲେ ଓ ସାହସର ସହିତ ଘୋଷଣା କରିଥିଲେ, "ହେ ମୃତ୍ୟୁ, କାହିଁ ତୋହର ନାହୁଡ଼ ?" ସେ ଯଥାର୍ଥ ବଳି ହୋଇଥିଲେ ଓ ଆମକୁ ପ୍ରକୃତ ଓ ଅନନ୍ତ ମୁକ୍ତି ପ୍ରଦାନ କରିଥିଲେ ।

ଏହା ସତ୍ୟ ଅଟେ । ପୁଣି ଯୀଶୁ ଖ୍ରୀଷ୍ଟ କହିଥିଲେ, **"... ମୁଁ ପଥ ଓ ସତ୍ୟ ଓ ଜୀବନ ଅଟେ..."** (ଯୋହନ ୧୪:୬) । ସେ ଏହା ମଧ୍ୟ ଘୋଷଣା କରିଥିଲେ **"... ତୁମ୍ଭେମାନେ ସତ୍ୟ ଜାଣିବ, ଆଉ ସେହି ସତ୍ୟ ତୁମ୍ଭମାନଙ୍କୁ ମୁକ୍ତ କରିବ"** (ଯୋହନ ୮:୩୨) । ସେହି ସତ୍ୟ ନିଜେ ଯୀଶୁ ଖ୍ରୀଷ୍ଟ ଅଟନ୍ତି ।

ବର୍ତ୍ତମାନ ଆମେ ଏହି ଗୌରବପୂର୍ଣ୍ଣ ସ୍ୱାଧୀନତାକୁ ପାଇଥିବାରୁ, ଏହାକୁ ନେଇ ଆମେ କ'ଣ କରିବା ?

ଯୀଶୁ ଖ୍ରୀଷ୍ଟ ଯୋହନ ୧୫:୧୬ରେ ଏହାର ଉତ୍ତର ଦେଇଛନ୍ତି : **"ତୁମ୍ଭେମାନେ ମୋତେ ମନୋନୀତ କରି ନାହଁ, କିନ୍ତୁ ମୁଁ ତୁମ୍ଭମାନଙ୍କୁ ମନୋନୀତ କରିଅଛି, ଆଉ ତୁମ୍ଭେମାନେ ଯେପରି ଯାଇ ଫଳ ଉତ୍ପନ୍ନ କର ଓ ତୁମ୍ଭମାନଙ୍କର ଫଳ ସ୍ଥାୟୀ ହୁଏ, ଏଥିନିମନ୍ତେ ତୁମ୍ଭମାନଙ୍କୁ ନିଯୁକ୍ତ କରିଅଛି ।"**

ଆସନ୍ତୁ, ଆମେ ତାଙ୍କର ଗୌରବ ନିମନ୍ତେ ସ୍ଥାୟୀ ଫଳ ଧାରଣ କରିବା ପାଇଁ ଯୀଶୁ ଖ୍ରୀଷ୍ଟଙ୍କଠାରେ ଥିବା ଆମର ସ୍ୱାଧୀନତାକୁ ବ୍ୟବହାର କରିବା ।

ଅତଏବ, ଆମେ ଏହା ବୁଝୁ ଯେ ଯୀଶୁ ଖ୍ରୀଷ୍ଟ ଆମକୁ ସ୍ୱାଧୀନତା ଦେଇଛନ୍ତି, କିନ୍ତୁ, ସେହି ସ୍ୱାଧୀନତା ମାଧ୍ୟମରେ ଆମେ ଯେପରି ଫଳ ଧାରଣ କରିବୁ, ଏହା ସେ ଆଶା କରନ୍ତି ।

### ୧. ତାଙ୍କଠାରେ ରହିବା

ଆମେ ତାଙ୍କଠାରେ ରହିବା ଏକମାତ୍ର ଉପାୟ ଅଟେ ଯଦ୍ୱାରା ଆମେ ପ୍ରକୃତରେ ଫଳ ଧାରଣ କରିପାରିବା ।

## ଅତି ଜରୁରୀ ବିଜ୍ଞାପନ




ନିକଟ ଭବିଷ୍ୟତ୍‌ରେ "ଆହ୍ୱାନର ପ୍ରତିଧ୍ୱନି"କୁ ଡାକ ଯୋଗେ ପ୍ରେରଣ କରିବାରେ ବାଧା ସୃଷ୍ଟି ହୋଇପାରେ । ଯଦି ଆପଣମାନେ ବିନା ବାଧାରେ ଆହ୍ୱାନର ପ୍ରତି ଧ୍ୱନି ପତ୍ରିକା ପାଇବାକୁ ଇଚ୍ଛା କରୁଛନ୍ତି, ତେବେ ଦୟାକରି ଆମକୁ ଆପଣମାନଙ୍କର ନାମ, ଠିକଣା, ଇ–ମେଲ ଓ ହ୍ୱାଟସ୍‌ଆପ୍ ନମ୍ବର, ପତ୍ର, ଇ–ମେଲ, ଫୋନ୍ କିମ୍ବା ଏସ୍‌ଏମ୍‌ଏସ୍/ହ୍ୱାଟସ୍‌ଆପ୍ ମେସେଜ୍ ମାଧ୍ୟମରେ ଅତିଶୀଘ୍ର ପ୍ରେରଣ କରନ୍ତୁ । ଆପଣମାନଙ୍କ ସାହାଯ୍ୟ ଉତ୍କୃଷ୍ଟତର ସେବା କରିବାରେ ଆମକୁ ସାହାଯ୍ୟ କରିବ ।

ଆମର ଠିକଣା :

**ECHO OF HIS CALL,**
10, Mohammed Abdullah 2nd Street, Chepauk, Chennai-600 005, India
Cell: (+91) 98412 71858 / 98410 71858 E.mail: sam@echoofhiscall.org

**"... ଯେ ମୋ'ଠାରେ ରହେ ଓ ମୁଁ ଯାହାଠାରେ ରହେ, ସେ ପ୍ରଚୁର ଫଳ ଫଳେ, କାରଣ ମୋ' ବିନା ତୁମ୍ଭେମାନେ କିଛି କରିପାର ନାହିଁ"** (ଯୋହନ ୧୫:୫) ।

ଏହା ମଧ୍ୟରେ ଏକ ଫଳ ପୂର୍ଣ୍ଣ ଜୀବନ ପାଇଁ, ସ୍ପଷ୍ଟ ଭାବରେ ଏକ ଆହ୍ୱାନ ଅଛି :

## ଫଳପୂର୍ଣ୍ଣତା :

ଯେତେବେଳେ ଆମେ ତାଙ୍କଠାରେ ରହୁ, ସେତେବେଳେ ଫଳପୂର୍ଣ୍ଣ ହେଉ !

ଏହି ଚିତ୍ରଟି ସଂଯୁକ୍ତିଠାରୁ ଫଳପୂର୍ଣ୍ଣତା ପର୍ଯ୍ୟନ୍ତ ଏକ ପିରାମିଡ୍ ଭାବରେ ପ୍ରତିନିଧିତ୍ୱ କରି ଏହାକୁ ବୁଝାଇ ଦେଇଛି ।




**ମୋ' ବିନା ତୁମ୍ଭେମାନେ କିଛି କରିପାର ନାହିଁ (ଯୋହନ ୧୫:୫) । ଏହି ସ୍ପଷ୍ଟ ଘୋଷଣା ଆମକୁ ଏହା ସ୍ମରଣ କରାଇ ଦିଏ ଯେ ଶାଖାଗୁଡ଼ିକ କେବଳ ସେଗୁଡ଼ିକର ଉତ୍ସ ସହିତ ସଂଯୁକ୍ତ ରହିବା ଦ୍ୱାରା ବଞ୍ଚି ରହନ୍ତି ।**

### କ. ସଂଯୁକ୍ତି ?

ସଂଯୁକ୍ତି ଖ୍ରୀଷ୍ଟଙ୍କ ସହିତ ଆମର ମୌଳିକ ସଂପର୍କକୁ ସୂଚିତ କରେ । ଏହା ଏକ ସାମୟିକ ସଂପୃକ୍ତି ନୁହେଁ, ମାତ୍ର ଏକ ଅପରିହାର୍ଯ୍ୟ, ଜୀବନ-ପ୍ରଦାନକାରୀ ସଂଯୁକ୍ତି ଅଟେ । ଯୀଶୁ ଖ୍ରୀଷ୍ଟ ଏହାକୁ ରହିବା କିମ୍ବା ବାସ କରିବା ଭାବରେ ବର୍ଣ୍ଣନା କରିଛନ୍ତି - ଏହି ଦୁଇଟି ଏପରି ଶବ୍ଦ ଯେଉଁଗୁଡ଼ିକ ସ୍ଥାୟିତ୍ୱ, ଅନ୍ତରଙ୍ଗତା ଓ ନିରବଚ୍ଛିନ୍ନ ନିର୍ଭରଶୀଳତାକୁ ଜଣାଏ ।

### ଖ. ପୋଷଣ !

ପୋଷଣ, ଅର୍ଥାତ୍ ଦ୍ୱିତୀୟ ସ୍ତର ତାହାକୁ ଚିତ୍ରିତ କରେ ଯାହା ଏହି ସଂଯୁକ୍ତି ମାଧ୍ୟମରେ ପ୍ରବାହିତ ହୁଏ । ଶାଖାଗୁଡ଼ିକ ଯେପରି ଦ୍ରାକ୍ଷାଲତାରୁ ରସ, ଖାଦ୍ୟ ଓ ଜଳ ଗ୍ରହଣ କରନ୍ତି, ଠିକ୍ ସେହିପରି ଆମେ ଯୀଶୁ ଖ୍ରୀଷ୍ଟଙ୍କଠାରୁ ଆତ୍ମିକ ସମ୍ବଳଗୁଡ଼ିକୁ ଗ୍ରହଣ କରୁ, ଯଥା - ତାଙ୍କର ଜ୍ଞାନ, ଶକ୍ତି, ପ୍ରେମ ଓ ଅନୁଗ୍ରହ । ଏହି ପୋଷଣ ସ୍ୱୟଂକ୍ରିୟ ନୁହେଁ, ଏଥିପାଇଁ ଆମ ପକ୍ଷରୁ ସକ୍ରିୟ ଗ୍ରହଣୀୟତା ଆବଶ୍ୟକ ହୁଏ ।

### ଗ. ପ୍ରଚୁର ଫଳ !

ଉପରି ଭାଗରେ, ପ୍ରଚୁର ଫଳ ଏହି ସଂଯୁକ୍ତ ସଂପର୍କର ସ୍ୱାଭାବିକ ପରିଣତିର ପ୍ରତିନିଧିତ୍ୱ କରେ । ଫଳ ଆମର ଉଦ୍ୟମ କିମ୍ବା ମାନବିକ ପ୍ରଚେଷ୍ଟାର ଫଳ ନୁହେଁ ମାତ୍ର ଏହା ଖ୍ରୀଷ୍ଟଙ୍କ ସହିତ ଏକ ସୁସ୍ଥ ମିଳନରୁ ଉତ୍ପନ୍ନ ହୋଇ ପ୍ରବାହିତ ହୁଏ । ଏହି ଫଳ ମଧ୍ୟରେ ଉଭୟ ଚାରିତ୍ରିକ ପରିବର୍ତ୍ତନ (ଗାଲାତୀୟ ୫:୨୨-୨୩) ଓ ପ୍ରଭାବଶାଳୀ ସେବାକାର୍ଯ୍ୟ ଅନ୍ତର୍ଭୁକ୍ତ ଥାଏ ।

ସେଥିପାଇଁ, ଫଳ ଧାରଣ କରିବା ନିମନ୍ତେ ଆମକୁ ଈଶ୍ୱରଙ୍କ ସହିତ ସଂଯୁକ୍ତ ହୋଇ ରହିବାକୁ ହେବ । ମାତ୍ର କେବଳ ସଂଯୁକ୍ତ ହୋଇ ରହିବା ଅପେକ୍ଷା ଅଧିକ ତ୍ରାଣକର୍ତ୍ତାଙ୍କ ଉପରେ ଆମର ନିର୍ଭରଶୀଳତାକୁ ଯୋହନ ୧୫:୫ ଗୁରୁତ୍ୱ ଦେଇଛି । ଯୀଶୁ ଖ୍ରୀଷ୍ଟ ଏହା କହି ନ ଥିଲେ, "ମୋ' ବିନା ତୁମ୍ଭେମାନେ କେତୋଟି ବିଷୟ କରିପାରିବ ନାହିଁ" କିମ୍ବା "ତୁମ୍ଭେମାନେ ଏତେ ଫଳପ୍ରଦ ହେବ ନାହିଁ ।" ସେ କହିଥିଲେ, "ଆଦୌ ଫଳ ଫଳିବ ନାହିଁ ।" ଏହା ଯେ କୌଣସି ଆତ୍ମିକ ମୂଲ୍ୟ ଥିବା ଫଳ ଉତ୍ପନ୍ନ କରିବା ପାଇଁ ଆମ ମାଧ୍ୟମରେ ପ୍ରବାହିତ ହେଉଥିବା ତାଙ୍କ ଜୀବନ ଉପରେ ଆମର ସଂପୂର୍ଣ୍ଣ ନିର୍ଭରଶୀଳତାକୁ ଗୁରୁତ୍ୱ ଦିଏ ।

## ୨. ଖ୍ରୀଷ୍ଟଙ୍କଠାରେ ଆମେ କିପରି ନିରନ୍ତର ରହିପାରିବା ?

ଏପରି ଚାରୋଟି ଗୁରୁତ୍ୱପୂର୍ଣ୍ଣ ବିଷୟ ଅଛି ଯାହା ଆମକୁ ଖ୍ରୀଷ୍ଟଙ୍କଠାରେ ରହିବାରେ ସାହାଯ୍ୟ କରେ ।

### କ. ବାକ୍ୟ

ବାଇବଲ ପଠନ କେବଳ ଏକ ବୌଦ୍ଧିକ କାର୍ଯ୍ୟ ନୁହେଁ - ଏହା ଆତ୍ମିକ ପୋଷଣ ଅଟେ । ଆମେ ଈଶ୍ୱରଙ୍କ ବାକ୍ୟକୁ ଯେତେ ଅଧିକ ପଢୁ ଓ ଏହା ଉପରେ ଚିନ୍ତା କରୁ, ଆମେ ସେତେ ଅଧିକ ତାଙ୍କ ସଦୃଶ ହେଉ ।

**"ମୁଁ ଯେପରି ତୁମ୍ଭ ବିରୁଦ୍ଧରେ ପାପ ନ କରେ, ଏଥିପାଇଁ ମୁଁ ଆପଣା ହୃଦୟ ମଧ୍ୟରେ ତୁମ୍ଭର ବାକ୍ୟ ସଞ୍ଚୟ କରି ରଖିଅଛି" (ଗୀତସଂହିତା ୧୧୯:୧୧) ।**

ଈଶ୍ୱରଙ୍କ ବାକ୍ୟ ଏକ ଆଲୋକ ଭାବରେ କାର୍ଯ୍ୟ କରେ ଓ କେବଳ ଆମ ନିଜ ନିଜକୁ ନୁହେଁ ମାତ୍ର ଅନ୍ୟମାନଙ୍କୁ ମଧ୍ୟ ପ୍ରେମରେ ଓ ସତ୍ୟରେ ସଂଶୋଧନ କରିବାର ଚାଳନା ଦିଏ ।

**"ଖ୍ରୀଷ୍ଟଙ୍କ ବାକ୍ୟ ପ୍ରଚୁରଭାବେ ତୁମ୍ଭମାନଙ୍କଠାରେ ବାସ କରୁ, ତୁମ୍ଭେମାନେ ପରସ୍ପରକୁ ସଂପୂର୍ଣ୍ଣ ଜ୍ଞାନ ସହ ଶିକ୍ଷା ଓ ଚେତନା ଦିଅ, ପୁଣି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଗୀତ, ସ୍ତୋତ୍ର ଓ ଆଧ୍ୟାତ୍ମିକ ସଂକୀର୍ତ୍ତନ ଦ୍ୱାରା କୃତଜ୍ଞ ହୃଦୟରେ କର" (କଲସୀୟ ୩:୧୬) ।**

ଶାସ୍ତ୍ର ଉପରେ ଅନୁଚିନ୍ତା ଏହାକୁ ପାଠ କରିବା ଭଳି ଅପରିହାର୍ଯ୍ୟ ଅଟେ । ଏହା କଦାଚିତ୍ ହେବା ଉଚିତ୍ ନୁହେଁ । ଏହା ଉଦ୍ଦେଶ୍ୟମୂଳକ ଓ ସୁବ୍ୟବସ୍ଥିତ ହେବା ଉଚିତ୍ । କେବଳ ସେତେବେଳେ ବାକ୍ୟ ଆମର ମନକୁ ନୂତନୀକୃତ କରିବ ଓ ଈଶ୍ୱରଙ୍କ ସହିତ ଆମ ହୃଦୟକୁ ସମ୍ମିଳିତ କରିବ ।

### ଖ. ପ୍ରାର୍ଥନା !

ପ୍ରାର୍ଥନା କେବଳ ଏକ ଅନୁରୋଧର ତାଲିକା ନୁହେଁ - ଏହା ଈଶ୍ୱରଙ୍କ ସହିତ ଏକ ଦୁଇ-ମାର୍ଗ ବିଶିଷ୍ଟ ଯୋଗାଯୋଗ ଅଟେ । ଆମେ ପ୍ରାୟତଃ, ଏହାକୁ ଏକ କ୍ରୟ କରିବାର ତାଲିକା ଭଳି ବ୍ୟବହାର କରୁ । ମାତ୍ର ପ୍ରକୃତ ପ୍ରାର୍ଥନା ଆମର ନିର୍ମାଣକର୍ତ୍ତାଙ୍କ ସହିତ ନିରବଚ୍ଛିନ୍ନ ଯୋଗାଯୋଗ ଅଟେ ।

**"ନିରନ୍ତର ପ୍ରାର୍ଥନା କର" -**
**୧ ଥେସଲନୀକୀୟ ୫:୧୭ ।**

ଆମେ କିପରି ନିରନ୍ତର ପ୍ରାର୍ଥନା କରିପାରିବା ? ଦିନସାରା, ଅର୍ଥାତ୍, ଗାଡ଼ି ଚଳାଇବା ସମୟରେ, ଚାଲିବା ସମୟରେ, ରାନ୍ଧିବା ସମୟରେ କିମ୍ବା ସଫା କରିବା ସମୟରେ ତାଙ୍କୁ ଆପଣଙ୍କ ଜୀବନର ସବୁକିଛି ଜଣାଇ ତାଙ୍କ ସହିତ କଥାବାର୍ତ୍ତା କରିବା ଦ୍ୱାରା ।

### ଗ. ବାଧ୍ୟତା !

ତୃତୀୟ ବିଷୟ ହେଉଛି ବାଧ୍ୟତା । ଯୋହନ ୧୫:୧୦ରେ ଯୀଶୁ ଖ୍ରୀଷ୍ଟ ବାଧ୍ୟତା ଓ ତାଙ୍କଠାରେ ରହିବା ମଧ୍ୟରେ ଥିବା ସଂପର୍କକୁ ପ୍ରକାଶ କରିଛନ୍ତି । ବାଧ୍ୟତା କୌଣସି ଅତି ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ କିମ୍ବା ବିଧିବିଧାନ ଯୁକ୍ତ ଆବଶ୍ୟକତା ନୁହେଁ । ବରଂ, ଏହା ଈଶ୍ୱରଙ୍କ ପ୍ରତି ଏକ ପ୍ରେମ ଦ୍ୱାରା ପରିଚାଳିତ ପ୍ରତିକ୍ରିୟା ଅଟେ ।

**"ଯଦି ତୁମ୍ଭେମାନେ ମୋତେ ପ୍ରେମ କର, ତେବେ ମୋହର ଆଜ୍ଞାସବୁ ପାଳନ କରିବ" - (ଯୋହନ ୧୪:୧୫) ।**

### ଘ. ସହଭାଗିତା !

ଏବ୍ରୀ ୧୦:୨୪-୨୫ ଏକତ୍ରିତ ହେବାର ଗୁରୁତ୍ୱ ଉପରେ ଆଲୋକପାତ କରିଛି । ସାଂପ୍ରତିକ ସମୟରେ, ଅନେକ ଲୋକ "ୟୁ-ଟ୍ୟୁବ୍ ମଣ୍ଡଳୀଗୁଡ଼ିକ" ସହିତ ଅଭ୍ୟସ୍ତ ହୋଇଯାଇଛନ୍ତି । ଅନ୍-ଲାଇନ୍‌ରେ ଦିଆଯାଉଥିବା ଶିକ୍ଷାଗୁଡ଼ିକ ଆତ୍ମିକ ଅଭିବୃଦ୍ଧି ପାଇଁ ପରିପୂରକ ହୋଇପାରେ, ମାତ୍ର ସେଗୁଡ଼ିକ ବ୍ୟକ୍ତିଗତ ଭାବେ ଏକତ୍ରିତ ହେବାର ସ୍ଥାନ ନେଇଯିବା ଉଚିତ୍ ନୁହେଁ । ଏହା ଈଶ୍ୱରଙ୍କର ଏକ ସ୍ପଷ୍ଟ ଆଜ୍ଞା ଅଟେ ।

ଖ୍ରୀଷ୍ଟୀୟ ସମାଜ ଉତ୍ତର ଦାୟିତ୍ୱ, ପ୍ରୋତ୍ସାହନ ଓ ଜ୍ଞାନ ପ୍ରଦାନ କରେ ଓ ଏହି ଉପାଦାନଗୁଡ଼ିକ ଖ୍ରୀଷ୍ଟଙ୍କ ସହିତ ଆମର ବ୍ୟକ୍ତିଗତ ଗମନାଗମନକୁ ଶକ୍ତିଯୁକ୍ତ କରେ ।

*(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)*

GREAT COMMISSION PARTNERS
ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୫ ଅଗଷ୍ଟ ୧୯ ରୁ ୨୦୨୫ ସେପ୍ଟେମ୍ବର ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ଈଶ୍ୱରଙ୍କର ପ୍ରଶଂସା କରନ୍ତୁ

ଅଗଷ୍ଟ ୧୯ ⇨ ମୁଖ୍ୟ ଉପାସନାଳୟରେ ଯୁବକଯୁବତୀମାନଙ୍କ ନିମନ୍ତେ ଆୟୋଜିତ ହୋଇଥିବା ଯୁବ ସହଭାଗିତା ଉପରେ ଆଶୀର୍ବାଦ କରିଥିବାରୁ ।

ଅଗଷ୍ଟ ୨୦ ⇨ ୨୦୨୫ ଜୁଲାଇ ୧ ତାରିଖରେ, ସନ୍ତୋଷପୂରମଠାରେ ନିହିମିୟା ବାଇବଲ କଲେଜକୁ ପୁନର୍ବାର ଆରମ୍ଭ କରିବାର ସାମର୍ଥ୍ୟ ଦେଇଥିବାରୁ ।

ଅଗଷ୍ଟ ୨୧ ⇨ ୨୦୨୫ ଅଗଷ୍ଟ ୧୦ରେ ଆମର ୫୬ତମ ବାର୍ଷିକୀ ଉତ୍ସବକୁ ଆଶୀର୍ବାଦ କରିଥିବାରୁ ।

ଅଗଷ୍ଟ ୨୨ ⇨ ଏକତା ଓ ସମର୍ପଣ ସହିତ କାର୍ଯ୍ୟ କରୁଥିବା ସମର୍ପିତ କାର୍ଯ୍ୟକାରୀ ଯୋଗାଇଥିବାରୁ ।

ଅଗଷ୍ଟ ୨୩ ⇨ ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲର ଅଧକ୍ଷ, କର୍ମଚାରୀ ଓ ଛାତ୍ରମାନଙ୍କୁ ଆଶୀର୍ବାଦ କରିଥିବାରୁ ।

ଅଗଷ୍ଟ ୨୪ ⇨ ଆମକୁ ନୈତିକ ଓ ଅର୍ଥନୈତିକ ଭାବରେ ସାହାଯ୍ୟ କରୁଥିବା ବିଶ୍ୱସ୍ତ ସାଥୀମାନଙ୍କୁ ଯୋଗାଇଥିବାରୁ ।

ଅଗଷ୍ଟ ୨୫ ⇨ ଆମର ସମସ୍ତ କର୍ମଚାରୀ ଓ ସେମାନଙ୍କ ପରିବାରଗୁଡ଼ିକୁ ସୁରକ୍ଷା ଦେଇଥିବାରୁ ।

ଅଗଷ୍ଟ ୨୬ ⇨ ସେଣ୍ଟପଲ୍‌ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲରେ ନୂତନ ଆଡ୍‌ମିଶନ ନିମନ୍ତେ ।

ଅଗଷ୍ଟ ୨୭ ⇨ ଆମକୁ ସହାୟତା ଦେଉଥିବା ଲୋକମାନଙ୍କ ଉପରେ ଈଶ୍ୱରଙ୍କ ଆଶୀର୍ବାଦ ନିମନ୍ତେ ।

ଅଗଷ୍ଟ ୨୮ ⇨ ଆମର ବରିଷ୍ଠ ପାଳକ ଓ ତାଙ୍କ ପରିବାର ପ୍ରତି ତାଙ୍କର ସ୍ୱର୍ଗୀୟ ଯତ୍ନ ନିମନ୍ତେ ।

ଅଗଷ୍ଟ ୨୯ ⇨ ଆମର "ଆହ୍ୱାନର ପ୍ରତିଧ୍ୱନି"ର ସମସ୍ତ ସହଯୋଗୀ ସଂପାଦକ ଓ ସେମାନଙ୍କ ପରିବାର ନିମନ୍ତେ ।

ଅଗଷ୍ଟ ୩୦ ⇨ ମିଶନ କ୍ଷେତ୍ରଗୁଡ଼ିକରେ ଥିବା ଆମର ସମସ୍ତ ମିଶନେରୀ ଓ ସେମାନଙ୍କ ପରିବାରଗୁଡ଼ିକୁ ଈଶ୍ୱର ସୁରକ୍ଷା ଦେଇଥିବାରୁ ।

ଅଗଷ୍ଟ ୩୧ ⇨ ବିଗତ ମାସରେ, ଈଶ୍ୱର ଆମର ସମସ୍ତ ଆବଶ୍ୟକତା ପୂରଣ କରିଥିବାରୁ ।

ସେପ୍ଟେମ୍ବର ୧ ⇨ **ଆମ ମଣ୍ଡଳୀଗୁଡ଼ିକରେ ନୂତନ ସଦସ୍ୟମାନଙ୍କୁ ସଂଯୁକ୍ତ କରିଥିବାରୁ ।**

ସେପ୍ଟେମ୍ବର ୨ ⇨ ଆମର ନିହିମିୟା ବାଇବଲ କଲେଜରେ ନୂତନ ଛାତ୍ରମାନଙ୍କର ଭର୍ତ୍ତି ନିମନ୍ତେ ଅନୁଗ୍ରହ କରିଥିବାରୁ ।

ସେପ୍ଟେମ୍ବର ୩ ⇨ ଆମର ସହଯୋଗୀ ସଂପାଦକମାନଙ୍କର ସହଯୋଗ ଓ ସମର୍ପଣ ନିମନ୍ତେ ।

## ଦୟାକରି ପ୍ରାର୍ଥନା କରନ୍ତୁ

ସେପ୍ଟେମ୍ବର ୪ ⇨ "ଆହ୍ୱାନର ପ୍ରତିଧ୍ୱନି"ର ଉଭୟ ମୁଖ୍ୟ ଓ ଶାଖା ମଣ୍ଡଳୀଗୁଡ଼ିକରେ ଥିବା ସମସ୍ତ ବିଶ୍ୱାସୀ ଓ ସେମାନଙ୍କ ପରିବାରଗୁଡ଼ିକର କଲ୍ୟାଣ ନିମନ୍ତେ ।

ସେପ୍ଟେମ୍ବର ୫ ⇨ ଆମର ସମସ୍ତ ପ୍ରାର୍ଥନା ସାଥୀ, ସଭ୍ୟସଭ୍ୟା, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ, ମହାଆଦେଶ ସାଥୀ ଓ ସେମାନଙ୍କ ପରିବାରଗୁଡ଼ିକର ଆବଶ୍ୟକତା ଓ ସ୍ୱାର୍ଥ ନିମନ୍ତେ ।

ସେପ୍ଟେମ୍ବର ୬ ⇨ ଆମର ସମସ୍ତ ରାଜ୍ୟ–ସଂଯୋଜକ ଓ ସେମାନଙ୍କ ସହଭାଗିତାଗୁଡ଼ିକର ମଙ୍ଗଳ ଓ ଏକତା ନିମନ୍ତେ ।

ସେପ୍ଟେମ୍ବର ୭ ⇨ ମହିଳା ଓ ଶିଶୁମାନଙ୍କ ବିରୁଦ୍ଧରେ ଚାଲିଥିବା ହିଂସାର ଦୂରୀକରଣ ନିମନ୍ତେ ।

ସେପ୍ଟେମ୍ବର ୮ ⇨ ଆମର ବରିଷ୍ଠ ପାଳକ ରେଭ.ଏସ୍.ସାମ୍ ସେଲ୍‌ଭାରାଜଙ୍କୁ ତାଙ୍କର ବହୁମୁଖୀ ସେବାକାର୍ଯ୍ୟର ସମସ୍ତ କ୍ଷେତ୍ରରେ ନୂତନ ଦର୍ଶନ ଓ ଅଭିଷେକ ଦେବା ନିମନ୍ତେ ।

ସେପ୍ଟେମ୍ବର ୯ ⇨ ଆମର ସମସ୍ତ କର୍ମଚାରୀ ଓ ସେମାନଙ୍କ ପରିବାରଗୁଡ଼ିକୁ ସ୍ୱର୍ଗୀୟ ସୁରକ୍ଷା ଦେବା ନିମନ୍ତେ ।

ସେପ୍ଟେମ୍ବର ୧୦ ⇨ ଆମର ସୁସମାଚାର ଛାପାକଳ ଓ ଏହାର କର୍ମଚାରୀମାନଙ୍କର ଦକ୍ଷତା ଓ ଉତ୍କୃଷ୍ଟତା ବୃଦ୍ଧି ନିମନ୍ତେ ।

ସେପ୍ଟେମ୍ବର ୧୧ ⇨ ଯେଉଁ ସହକର୍ମୀମାନେ ଆମ ନିହିମିୟା ବାଇବଲ କଲେଜରେ ଶିକ୍ଷା ଦିଅନ୍ତି ଓ ଲେଖାଗୁଡ଼ିକୁ ଅନୁବାଦ କରନ୍ତି, ସେମାନଙ୍କ ପରିଶ୍ରମ ନିମନ୍ତେ ।

ସେପ୍ଟେମ୍ବର ୧୨ ⇨ ଖ୍ରୀଷ୍ଟିଆନ ପ୍ରଚାରକମାନେ ଯେପରି କୌଣସି ବୁଝାମଣା ବିନା ବିଶ୍ୱସ୍ତ ଭାବରେ ସୁସମାଚାର ଘୋଷଣା କରିବେ ।

ସେପ୍ଟେମ୍ବର ୧୩ ⇨ ଆମ ନିହିମିୟା ବାଇବଲ କଲେଜରେ ଛାତ୍ର ସଂଖ୍ୟା ବୃଦ୍ଧି ନିମନ୍ତେ ।

ସେପ୍ଟେମ୍ବର ୧୪ ⇨ ସମସ୍ତ ଦେଶ ମଧ୍ୟରେ ଏକତା ଓ ଶାନ୍ତି ନିମନ୍ତେ ।

ସେପ୍ଟେମ୍ବର ୧୫ ⇨ ମଦ୍ୟପ ଓ କୁକର୍ମକାରୀମାନେ ଯେପରି ପ୍ରକୃତ ଅନୁତାପ ଓ ପରିବର୍ତ୍ତନର ଅନୁଭୂତି ପାଇବେ ।

ସେପ୍ଟେମ୍ବର ୧୬ ⇨ ଆମେ ସେବାକାର୍ଯ୍ୟର ସଂପ୍ରସାରଣ ଓ ବିଶ୍ୱବ୍ୟାପୀ ସୁସମାଚାର ପ୍ରସାର ନିମନ୍ତେ ।

ସେପ୍ଟେମ୍ବର ୧୭ ⇨ ଆମର ସମସ୍ତ ସହଯୋଗୀ ସଂପାଦକ ଓ ସେମାନଙ୍କ ପରିବାରଗୁଡ଼ିକର ସୁରକ୍ଷା ଓ ମଙ୍ଗଳ ନିମନ୍ତେ ।

ସେପ୍ଟେମ୍ବର ୧୮ ⇨ ପ୍ରତ୍ୟେକ ପରିବାରରେ ଯେପରି ଶାନ୍ତି ସ୍ଥାପିତ ହେବ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

## ୩. ଯେଉଁ ଫଳ ସ୍ଥାୟୀ ରହେ – ଧୈର୍ଯ୍ୟ

ଯେତେବେଳେ ଆମ ଜୀବନରେ ଏହି ଚାରୋଟି ଅତ୍ୟାବଶ୍ୟକୀୟ ବିଷୟ ରହିଥାଏ, ସେତେବେଳେ ଆମେ ସ୍ଥାୟୀ ଫଳ ଧାରଣ କରିବା ପାଇଁ ଶକ୍ତିପ୍ରାପ୍ତ ହୋଇଥାଉ ।

ଯୀଶୁ ଖ୍ରୀଷ୍ଟ ନିଜର ଶିଷ୍ୟମାନଙ୍କୁ କେବଳ ଫଳ ଧାରଣ କରିବା ପାଇଁ କହିଥିଲେ, ତା' ନୁହେଁ, ମାତ୍ର ସେ ସ୍ଥାୟୀ ଫଳ ମଧ୍ୟ ଧାରଣ କରିବାକୁ କହିଥିଲେ, ଅର୍ଥାତ୍ ସେହି ଫଳ ଯାହା ସମୟର ପରୀକ୍ଷାକୁ ସହ୍ୟ କରେ ।



ଏହା ଏକ ସିକୋୟା ବୃକ୍ଷର ପ୍ରତିଛବି ଅଟେ । ସହନଶୀଳତା ସମ୍ବନ୍ଧରେ ପ୍ରକୃତିର ସର୍ବାଧିକ ଶକ୍ତିପୂର୍ଣ୍ଣ ପ୍ରତୀକ । ଏହି ବିଶାଳ ବୃକ୍ଷଗୁଡ଼ିକ ମଧ୍ୟରୁ କେତେଗୁଡ଼ିଏ ପ୍ରାୟ ୩,୦୦୦ରୁ ଊର୍ଦ୍ଧ୍ୱ ବର୍ଷ ଧରି ଦଣ୍ଡାୟମାନ ଅଛନ୍ତି ଓ ଅଗଣିତ ଅଗ୍ନି, ଝଡ଼ ଓ ପାରିପାର୍ଶ୍ୱିକ ଉତ୍ଥାନ ପତନ ସହ୍ୟ କରିଛନ୍ତି । ସେଗୁଡ଼ିକ ଆମକୁ ଯେ କୌଣସି ଅଭିବୃଦ୍ଧିରେ ଧୈର୍ଯ୍ୟ ଓ ସହିଷ୍ଣୁତାର ଗୁରୁତ୍ୱକୁ ସ୍ମରଣ କରାଇ ଦିଅନ୍ତି ।

ପ୍ରକୃତ ଅଭିବୃଦ୍ଧି – ଶାରୀରିକ, ବୌଦ୍ଧିକ କିମ୍ବା ସଂପର୍କ ସମ୍ବନ୍ଧୀୟ ହେଉ – ଏହା କେବଳ ସୁସଂଗତ ସହିଷ୍ଣୁତା ମାଧ୍ୟମରେ ସମ୍ଭବ ଅଟେ । ଧୈର୍ଯ୍ୟ ଓ ସହିଷ୍ଣୁତା ସ୍ଥାୟୀ ବିକାଶର ଯମଜ ସ୍ତମ୍ଭ ଅଟେ ।

ଅଭିବୃଦ୍ଧିର ଚାରୋଟି ପର୍ଯ୍ୟାୟ ଅଛି ।

### କ. ପ୍ରାରମ୍ଭିକ ବୃଦ୍ଧି

ନୂତନ ବିଶ୍ୱାସୀମାନେ, ପ୍ରାୟତଃ ଏପରି ଏକ ଆତ୍ମିକ "ମଧୁଚନ୍ଦ୍ରିକା ପର୍ଯ୍ୟାୟ" ମଧ୍ୟ ଦେଇ ଯାଆନ୍ତି ଯାହା ଦୃଶ୍ୟ ପରିବର୍ତ୍ତନ ଓ ଉତ୍ସାହ ଦ୍ୱାରା ଚିହ୍ନିତ ଅଟେ, ଯୀଶୁ ଖ୍ରୀଷ୍ଟଙ୍କ ସହିତ ସେମାନଙ୍କର ପ୍ରାରମ୍ଭିକ ସଂଯୁକ୍ତି ଦୃଶ୍ୟ ଓ ବିଶ୍ୱସ୍ତ ପରିବର୍ତ୍ତନ ଉତ୍ପନ୍ନ କରେ, ଯଦିଓ ତାହା ସମୟ ଓ କ୍ଳେଶ ଦ୍ୱାରା ସେ ପର୍ଯ୍ୟନ୍ତ ପରୀକ୍ଷିତ ହୋଇ ନ ଥାଏ ।

### ଖ. ପରୀକ୍ଷାର ସମୟ !

ଏହା ଯେ କୌଣସି ଅଭିବୃଦ୍ଧି ସମ୍ବନ୍ଧୀୟ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଅଟେ । ସମୃଦ୍ଧିର ପ୍ରାରମ୍ଭିକ ସମୟ ପରେ, ପ୍ରାୟତଃ, ସେହି ଅଭିବୃଦ୍ଧିର ଗଭୀରତା ଓ ଶକ୍ତି ପ୍ରକାଶ କରିବା ପାଇଁ ଏକ ପରୀକ୍ଷାର ସମୟ ଆସେ । ମାଥିଉ ୧୩ରେ, ଯୀଶୁ ଖ୍ରୀଷ୍ଟ ବୀଜ ବୁଣାଳିର ଦୃଷ୍ଟାନ୍ତ ଗଳ୍ପ କହିବା ସମୟରେ, ଅଭିବୃଦ୍ଧିର ଫଳାଫଳ କିପରି ଭୂମିର ପ୍ରକାର ଉପରେ ନିର୍ଭର କରେ, ତାହା ବୁଝାଇଥିଲେ । କେତେକ ବୀଜ ଅତିଶୀଘ୍ର ଅଙ୍କୁରିତ ହୋଇଥିଲା ମାତ୍ର ତାଡ଼ନା କିମ୍ବା ଜୀବନର ଜଞ୍ଜାଳ ମଧ୍ୟରେ ଶୁଷ୍କ ହୋଇ ଯାଇଥିଲା ।

ସମାନ ପ୍ରକାରେ, ହିସାବରୁ ଏହା ଜଣାପଡ଼େ ଯେ ଅନେକ ବିଶ୍ୱାସୀ କଷ୍ଟକର ସମୟରେ ସ୍ଖଳିତ ହୁଅନ୍ତି । ସେହି ସମାନ ଧାରା ମାନବ ସଂପର୍କରେ ମଧ୍ୟ ଲକ୍ଷ୍ୟ କରାଯାଏ – ଯାହା ପ୍ରତିଜ୍ଞାରୁ ଆରମ୍ଭ ହୁଏ, ତାହା ସମୟ, କ୍ଳେଶ ଓ ଚାପ ଦ୍ୱାରା ପରୀକ୍ଷିତ ହୁଏ ।

### ଗ. ବିଶ୍ୱସ୍ତ ଅଗ୍ରଗତିର ପର୍ଯ୍ୟାୟ

ଏହି ପର୍ଯ୍ୟାୟ ପରିପକ୍ୱ ଶିଷ୍ୟତ୍ୱର ପ୍ରତିନିଧିତ୍ୱ କରେ । ଗାଲାତୀୟ ୬:୯ ଆମକୁ ସ୍ମରଣ କରାଇ ଦିଏ, **"ଆମ୍ଭେମାନେ ଉତ୍ତମ କର୍ମ କରିବାରେ ଶ୍ରାନ୍ତ ନ ହେଉ, କାରଣ କ୍ଳାନ୍ତ ନୋହିଲେ ଉପଯୁକ୍ତ ସମୟରେ ଶସ୍ୟ କାଟିବା ।"**

ଏହା ଏପରି ଏକ ସମୟ ଯେତେବେଳେ ଧୈର୍ଯ୍ୟ ଅନିବାର୍ଯ୍ୟ ଅଟେ । ଆମେ ସବୁକିଛି ଛାଡ଼ି ଦେବୁ ବୋଲି ଅନୁଭବ କରିପାରୁ, ଏହା ଏକ ଆତ୍ମିକ ଶୁଷ୍କତାର ସମୟ ଭଳି ଦିଶିପାରେ–ମାତ୍ର ବିଶ୍ୱାସରେ ଅଗ୍ରସର ହେବା ଦ୍ୱାରା ପ୍ରକୃତ ଆତ୍ମିକ ପରିପକ୍ୱତା ପ୍ରକାଶ ପାଏ । ଆମର ଆତ୍ମିକ ପିତୃପୁରୁଷ ଏହାର ଉତ୍ତମ ଦୃଷ୍ଟାନ୍ତ ଥିଲେ ।

ମୁଁ ସେହି ସମୟକୁ ସ୍ମରଣ କରେ ଯେତେବେଳେ ମୋର ପିତା ଆମର ମଣ୍ଡଳୀ ଆରମ୍ଭ କରିଥିଲେ – ଆରମ୍ଭ ସମୟରେ, ତାଙ୍କ ସହିତ କେବଳ ମୁଁ ଓ ମୋର ମା' ଥିଲୁ । ଯେତେବେଳେ ମୋର ମା' ସନ୍ତାନ ପ୍ରସବ ପାଇଁ ଅନୁପସ୍ଥିତ ରହିଲେ, ସେତେବେଳେ ଆମେ କେବଳ ଦୁଇଜଣ ରହିଲୁ । ରବିବାର ପରେ ରବିବାର, ମୋର ପିତା ଏପରି ପ୍ରଚାର କରୁଥିଲେ ଯେପରିକି ସେ ହଜାର ହଜାର ଲୋକଙ୍କୁ ସମ୍ବୋଧନ କରୁଛନ୍ତି । ଏହାପରେ, ସେ ସର୍ବଦା ବେଦୀ ନିକଟକୁ ଆହ୍ୱାନ ଜଣାଉଥିଲେ । ମୁଁ ଅତି ଛୋଟ ଥିଲି, ମାତ୍ର ମୁଁ ମୋର ହାତ ଉଠାଇ, ପ୍ରତି ସପ୍ତାହରେ ତାଙ୍କ ଆହ୍ୱାନର ପ୍ରତ୍ୟୁତ୍ତର ଦେଉଥିଲି ।

ଦିନ ପରେ ଦିନ ଅତିକ୍ରାନ୍ତ ହେଲା । ମାସ ପରେ ମାସ ବିତିଗଲା । କୌଣସି ଦୃଶ୍ୟ ଫଳ ନ ଥିଲା । ତଥାପି, ମୋର ପିତା ଆଶା ତ୍ୟାଗ କରି ନ ଥିଲେ । ସେ ବିଶ୍ୱାସର ଚକ୍ଷୁରେ ଦେଖି, ବିଶ୍ୱସ୍ତଭାବେ ଅବ୍ୟାହତ ରଖିଥିଲେ ।

ଈଶ୍ୱରଙ୍କର ପ୍ରଶଂସା ହେଉ – ଶେଷରେ, ପ୍ରଭୁ ଆମ ମଣ୍ଡଳୀକୁ ଆଶୀର୍ବାଦ କରିଥିଲେ । ଏହା ଯେ କେବଳ ବୃଦ୍ଧି ପାଇଥିଲା, ତା' ନୁହେଁ, ମାତ୍ର ଆମେ ସମଗ୍ର ଭାରତରେ ଓ ଅନ୍ୟ ଦେଶ ଗୁଡ଼ିକରେ ଶାଖା ମଣ୍ଡଳୀ ସବୁ ପ୍ରତିଷ୍ଠା କରିବା ପାଇଁ ମଧ୍ୟ ସମର୍ଥ ହୋଇଥିଲୁ ।

ସେଥିପାଇଁ ଅଗ୍ରସର ହେବା ଅବ୍ୟାହତ ରଖନ୍ତୁ । ଅଧାରୁ ଛାଡ଼ି ଦିଅନ୍ତୁ ନାହିଁ । ଆମେ ଆଜି ବିଶ୍ୱାସରେ

(ଅବଶିଷ୍ଟାଂଶ ୮ମ ପୃଷ୍ଠାରେ)

ନିହିମିଆ ବାଇବଲ ଆବାସିକ ମହାବିଦ୍ୟାଳୟ
Chepauk & Santhoshapuram, Velachery Chennai.
ଆଡ୍‌ମିଶନ ପାଇଁ ଶୀଘ୍ର ଆସନ୍ତୁ !
ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ
ଥିଓଲୋଜିରେ ଡିପ୍ଲୋମା
ମାଧ୍ୟମ ~ ହିନ୍ଦୀ (Residential) Sponsorship Available
ମାଧ୍ୟମ ~ ତାମିଲ (Part Time)
ବିଗତ ୫୫ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ଯୋଗାଯୋଗ
Contact : The Chairman, Nehemiah Bible College.
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org
✶ ONLINE CLASSES ARE AVAILABLE ✶

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ବାଇବଲ କୋର – ପତ୍ର ମାଧ୍ୟମରେ ବାଇବଲ ପାଠ୍ୟକ୍ରମ, ଇଂରାଜୀ, ହିନ୍ଦୀ ଓ ତାମିଲ ।
୩. ଆହ୍ୱାନର ପ୍ରତିଧ୍ୱନି ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନ୍ନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଧୁ, ସିଂହଳ ଓ ଆଫ୍ରିକାନସ୍) ।
୪. ନିହିମିୟା ବାଇବଲ ମହାବିଦ୍ୟାଳୟ (ତିନୋଟି କେନ୍ଦ୍ର) ।
୫. ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୬. ମହାଆଦେଶ ସାଥୀଗଣ ।
୭. ତାଲିମ କାର୍ଯ୍ୟକ୍ରମ ।
୮. ସୁସମାଚାର ଅଭିଯାନ ।
୯. ସାହିତ୍ୟ ସେବା ଓ ବଣ୍ଟନ ।
୧୦. ସୁସମାଚାର ଛାପା କଳ – ପ୍ରକାଶନ ।
୧୧. ସେଣ୍ଟପଲସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ-ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୨. ସଣ୍ଡେସ୍କୁଲ – ରବିବାର ସକାଳ ଘ. ୮.୩୦ ମିନିଟ୍ ଓ ଅପରାହ୍ଣ ୪.୦୦ ଘଟିକା ।
୧୩. ତାମିଲ ଉପାସନା – ରବିବାର ସକାଳ ୮.୦୦ ଓ ସକାଳ ୧୦.୦୦ ।
୧୪. ହିନ୍ଦୀ ଉପାସନା – ରବିବାର ଅପରାହ୍ଣ ଘ. ୪.୦୦ ।
୧୫. ତେଲୁଗୁ ପ୍ରାର୍ଥନା ସଭା – ରବିବାର ସନ୍ଧ୍ୟା ଘ. ୫.୦୦ ।
୧୬. ଇଂରାଜୀ ଓ ତାମିଲ ଉପାସନା ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୧୭. ମହିଳାମାନଙ୍କର ପ୍ରାର୍ଥନା ସଭା – ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୧୮. ପୁରୁଷମାନଙ୍କର ପ୍ରାର୍ଥନା ସଭା – ଶୁକ୍ରବାର ସନ୍ଧ୍ୟା ଘ.୭.୦୦ ।
୧୯. କର୍ମଚାରୀମାନଙ୍କର ସଭା – ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୨୦. ଗୃହ ସଭା – ସୋମବାର, ମଙ୍ଗଳବାର, ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୧. ବିଶେଷ ପ୍ରଭୁଭୋଜ – ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ଘ. ୫.୩୦ ମିନିଟ୍ ।
୨୨. କର୍ମଚାରୀମାନଙ୍କ କାର୍ଯ୍ୟର ପୁନଃ ବିଚାର – ପ୍ରଥମ ଶନିବାର ସନ୍ଧ୍ୟା ୫.୩୦ ।
୨୩. ପିତାମାତାଙ୍କର ପ୍ରାର୍ଥନାସଭା – ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୨୪. ରାତ୍ରି ପ୍ରାର୍ଥନା – ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ର) ।
୨୫. ଉପବାସ ପ୍ରାର୍ଥନା – ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୨୬. ପବିତ୍ର ପ୍ରଭୁଭୋଜ – ଦ୍ୱିତୀୟ ରବିବାର ଉପାସନା ।
୨୭. ପ୍ରାତଃ ଉପାସନା – ପ୍ରତିଦିନ ସକାଳ ଘ. ୫.୩୦ ମିନିଟ୍ ।
୨୮. କର୍ମଚାରୀମାନଙ୍କର ଉପାସନା – ପ୍ରତିଦିନ ସକାଳ ଘ. ୯.୦୦ ।
୨୯. କାର୍ଯ୍ୟାଳୟ – ପ୍ରତିଦିନ ସକାଳ ଗ. ୯.୦୦ମି ଠାରୁ ରାତ୍ର ୯.୦୦ (ରବିବାର ବ୍ୟତୀତ)

## କେବଳ ଭାରତର ପ୍ରାର୍ଥୀମାନଙ୍କ ପାଇଁ ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ

### ୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ-ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ – ୭୬ ପୃଷ୍ଠା ଓ ତାମିଲ୍‌ରେ – ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ – ''ଆପଣଙ୍କ ନିମନ୍ତେ ନୂତନ ଜୀବନ'' ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ ପଣ୍ଡେସ୍ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମକ ଦୂରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ – ୫୩୨ ପୃଷ୍ଠା ଓ ତାମିଲ୍‌ରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟି ଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

**ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ**

The Chairman, Nehemiah Bible College,
Echo of His Call, Post Box 2957
CHEPAUK, CHENNAI - 600 005.
Ph.: (044) 2852 8282, 2852 9293, 2854 7766,
Cell : 98410 71852, 95661 31858
E.mail : biblecor@yahoo.co.in

## ବିନାମୂଲ୍ୟରେ ମାସିକ ପତ୍ରିକା ''ଆହ୍ୱାନର ପ୍ରତିଧ୍ୱନି'' ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମିୟମାନଙ୍କର ଠିକଣା ଡାକ, ପତ୍ର, ଇ-ମେଲ, ହ୍ୱାଟସ୍-ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ **''ଆହ୍ୱାନର ପ୍ରତିଧ୍ୱନି''** ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

## କର ରିହାତି

**"Echo of His Call Educational Trust"** କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ – **80 - G** ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । **Echo of His Call Educational Trust** କୁ ଦେଉଥିବା ଦାନ ପାଇଁ **Demand Draft, Cheque** କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| Account Name | : | ECHO OF HIS CALL EDUCATIONAL TRUST |
| Account Number | : | 1023 2923 805 |
| Bank Name | : | STATE BANK OF INDIA |
| Branch | : | TRIPLICANE, CHENNAI - 600 005 |
| IFSC Code | : | SBIN 0000249 |
| SWIFT Code | : | SBI NIN BB 455 |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

### (ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*''ଯେ ପାଠ କରେ, ସେ ବୁଝୁ'' (ମାଥିଉ ୨୪:୧୫)*

## ''କେହି ଯେବେ ମୋହର ସେବା କରେ, ତେବେ ପିତା ତାହକୁ ସମ୍ମାନ ଦେବେ'' (ଯୋହନ ୧୨:୨୬) ।

ଈଶ୍ୱର ଭିନ୍ନ ଭିନ୍ନ ସମୟରେ ମୋ' ମାଧ୍ୟମରେ ମହତ୍ ବିଷୟ ସାଧନ କରିଥିଲେ । ଈଶ୍ୱର ମୁଖ୍ୟ କାର୍ଯ୍ୟାଳୟରେ ଓ ମଧ୍ୟ ବାହାର ସ୍ଥାନଗୁଡ଼ିକରେ ସେବାକାର୍ଯ୍ୟ ମାଧ୍ୟମରେ ଆଶ୍ଚର୍ଯ୍ୟକର୍ମ ଓ ଅଦ୍ଭୁତ କର୍ମ ସବୁ ସାଧନ କରିବା ଦ୍ୱାରା ମୋତେ ସମ୍ମାନିତ କରିଥିଲେ । ଏହା ମାଧ୍ୟମରେ ଏହି ସେବାକାର୍ଯ୍ୟର ସୁଗନ୍ଧି ପୃଥିବୀର ଅନେକ ଅଞ୍ଚଳକୁ ପ୍ରସାରିତ ହୋଇଥିଲା । ଈଶ୍ୱରଙ୍କ ନାମ ଗୌରବାନ୍ୱିତ ହେଉ ।

ଥରେ, ମୁଁ ଅଷ୍ଟ୍ରେଲିଆର ସିଡ୍‌ନୀ, ମେଲ୍‌ବୋର୍ଣ୍ଣ ଓ ବ୍ରିସବେନ୍‌ରେ ପ୍ରଚାର କରୁଥିଲି, ସେଠାରେ ଅନେକ ଲୋକ ଈଶ୍ୱରଙ୍କର ଗୌରବମୟ ସ୍ପର୍ଶର ଅନୁଭୂତି ପାଇଥିଲେ ।

ଦିନେ ଗୋଟିଏ ଅଷ୍ଟ୍ରେଲିୟ ଦମ୍ପତି ମୋତେ ମୋର ରହୁଥିବା ଗୃହରେ ସାକ୍ଷାତ୍ କରିବାକୁ ଆସିଲେ । ସେମାନେ ଅଶ୍ରୁପୂର୍ଣ୍ଣ ଚକ୍ଷୁରେ ମୋତେ କହିଥିଲେ ଯେ ୧୩ ବର୍ଷ ଧରି ବିବାହିତ ଥିଲେ ମଧ୍ୟ ସେମାନଙ୍କର କୌଣସି ସନ୍ତାନ ନାହିଁ । ସେମାନେ ଏକ ଶାନ୍ତିପୂର୍ଣ୍ଣ ମାର୍ଗରେ ବିବାହ ବିଚ୍ଛେଦ ପାଇଁ ଆବେଦନ କରିବାକୁ ଯାଉଛନ୍ତି ବୋଲି ମଧ୍ୟ ମୋତେ କହିଥିଲେ । ସେମାନେ ସେଥିପାଇଁ ପ୍ରାର୍ଥନା କରିବାକୁ ମୋତେ କହିଥିଲେ (ସେମାନଙ୍କ ଦେଶରେ ବିବାହ-ବିଚ୍ଛେଦ ଅତି ସାଧାରଣ ବିଷୟ ଥିଲା) ।

ମୁଁ ଅତି ଦୁଃଖ ଅନୁଭବ କରିଥିଲି । ଈଶ୍ୱର ଯେପରି ସେମାନଙ୍କୁ ଏକ ସନ୍ତାନ ଦେବେ, ଏଥିପାଇଁ ମୁଁ ସେମାନଙ୍କ ନିମନ୍ତେ ପ୍ରାର୍ଥନା କରିବି କି ବୋଲି ପଚାରିଲି । ସେମାନେ ମୋତେ ପରିହାସ କଲେ ଓ କହିଲେ ଯେ ସେମାନେ ଅନେକ ପ୍ରସିଦ୍ଧ ଡାକ୍ତରଙ୍କୁ ଦେଖାଇ ସାରିଛନ୍ତି, ଆଉ ସେମାନେ କିଛି କରିପାରି ନ ଥିଲେ । ''ପ୍ରାର୍ଥନା କିପରି ଏକ ସନ୍ତାନ ଉତ୍ପନ୍ନ କରିପାରିବ ?'' ସେମାନେ ମୋତେ ପ୍ରଶ୍ନ କରିଥିଲେ । ସେଥିପାଇଁ, ମୁଁ ସେମାନଙ୍କ ସହିତ ବସି ବିଶ୍ୱାସ ଓ ଏହାର ପରିଣାମ ଓ ଈଶ୍ୱରଙ୍କ ଶକ୍ତି ବିଷୟରେ ସେମାନଙ୍କୁ ଜଣାଇଲି ।

ଈଶ୍ୱରଙ୍କର ପ୍ରଶଂସା ହେଉ । ପ୍ରାୟ ଦୁଇ ମାସ ପରେ, ମୁଁ ଅଷ୍ଟ୍ରେଲିଆରୁ ଭାରତକୁ ଫେରୁଥିଲି । ମୁଁ ବିମାନ ବନ୍ଦରରେ ପହଞ୍ଚିବା ପରେ, ଏହା ଦେଖିଲି ଯେ ସେହି ଦମ୍ପତି ମୋ' ପାଇଁ ଗୋଟିଏ ବଡ଼ ଉପହାର ପ୍ୟାକେଟ ଆଣିଛନ୍ତି । ପ୍ରାୟ ୧୦ ମିନିଟ୍ ଧରି, ସେହି ବିମାନ ବନ୍ଦରରେ ସେମାନେ କ୍ରନ୍ଦନ କରୁଥିବାର ଦେଖି ମୁଁ ଆଶ୍ଚର୍ଯ୍ୟ ହେଲି । ସମଗ୍ର ଜନତା ତାହା ଦେଖୁଥିଲେ ।

ଶେଷରେ, ସେହି ସ୍ୱାମୀ ମୋତେ କହିଥିଲେ ଯେ ତାଙ୍କ ସ୍ତ୍ରୀ ଗର୍ଭଧାରଣ କରିଛନ୍ତି ଓ ସେହିଦିନ ଡାକ୍ତର ଏହାକୁ ସୁନିଶ୍ଚିତ କରିଛନ୍ତି । ସେମାନେ ଅତି ଖୁସିଥିଲେ ଓ ସେହି ଉପହାର ପ୍ୟାକେଟରେ ମୋର ସେବାକାର୍ଯ୍ୟ ପାଇଁ ଅନେକ ଗୁଡ଼ିଏ ପୋଷାକ ଓ ଦରକାରୀ ଜିନିଷ ରଖିଥିଲେ । ଈଶ୍ୱର ସେମାନଙ୍କୁ ଗୋଟିଏ କନ୍ୟା ସନ୍ତାନ ଓ ପରେ ଆଉ ଦୁଇଟି ପୁତ୍ର ଦେଇ ଆଶୀର୍ବାଦ କରିଥିଲେ ।

ପ୍ରିୟ ବନ୍ଧୁ, ଈଶ୍ୱର ଆପଣଙ୍କ ଜୀବନରେ ମଧ୍ୟ ସେହି ସମାନ ଆଶ୍ଚର୍ଯ୍ୟ କର୍ମ କରିବାକୁ ସମର୍ଥ ଅଟନ୍ତି । ଈଶ୍ୱରଙ୍କଠାରେ ବିଶ୍ୱାସ କରନ୍ତୁ ଓ ବିଶ୍ୱାସ ସହିତ ତାଙ୍କୁ ମାଗନ୍ତୁ । ସେ ଆପଣଙ୍କୁ ଆପଣଙ୍କର ସମସ୍ତ ଆବଶ୍ୟକତା ପ୍ରଦାନ କରିବେ ।

ମୁଁ ଯେଉଁ ପ୍ରଭୁ ଓ ତ୍ରାଣକର୍ତ୍ତା, ଯୀଶୁ ଖ୍ରୀଷ୍ଟଙ୍କୁ ପ୍ରଚାର କରେ, ସେ ନିଃସନ୍ତାନ ଦମ୍ପତିମାନଙ୍କୁ ସନ୍ତାନ ଦେବା ପାଇଁ, ଅସୁସ୍ଥ ଶରୀରକୁ ସୁସ୍ଥ କରିବା ପାଇଁ ଓ ଅନ୍ୟାନ୍ୟ ଆଶୀର୍ବାଦ ସବୁ ଦେବା ପାଇଁ ସମର୍ଥ ଅଟନ୍ତି । ସେ କାଲି, ଆଜି ଓ ସର୍ବଦା ସମାନ ଅଟନ୍ତି । ଈଶ୍ୱରଙ୍କର ଗୌରବ ହେଉ ।

---

*(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)*

ଯାହା ବୁଣିବା, ତାହା ଦିନେ ଈଶ୍ୱରଙ୍କର ସଠିକ୍ ସମୟରେ, ଫଳ ଧାରଣ କରିବ ।

### ଘ. ସ୍ଥାୟୀ ଐତିହ୍ୟ !

ଈଶ୍ୱର ଆମକୁ ଏକ ସ୍ଥାୟୀ ଐତିହ୍ୟ ଛାଡ଼ି ଯିବା ପାଇଁ ଆହ୍ୱାନ କରିଛନ୍ତି - ଠିକ୍ ଯେପରି ମୋଶ, ଯିହୋଶୂୟ, ଦାନିୟେଲ, ପାଉଲ, ପିତର, ଏଷ୍ଟର, ଯୋୟେଲ୍, ସାକ୍ଷ୍ୟମର ଓ ଅନ୍ୟ ଅନେକ ଲୋକ କରିଥିଲେ ।

୨ ତୀମଥି ୨:୨ରେ, ପାଉଲ ଯୁଗ ଯୁଗ ଧରି ଆତ୍ମିକ ବୃଦ୍ଧି ସମ୍ବନ୍ଧରେ କହିଛନ୍ତି । ଆମେ ପୁରୁଷାନୁ କ୍ରମିକ ଭାବରେ ଈଶ୍ୱରଙ୍କର ସେବା କରୁ ଓ ସେ ଆମକୁ ସ୍ଥାୟୀ ଫଳ ଧାରଣ କରିବା ପାଇଁ ଆହ୍ୱାନ କରିଛନ୍ତି ।

ଆମର ପିଲାମାନେ ଓ ଭବିଷ୍ୟତ୍ ପୀଢ଼ୀ ଆମ ପ୍ରତି ଦୃଷ୍ଟିପାତ କରିବାକୁ ସମର୍ଥ ହେବେ । ପିତାମାତା ଭାବରେ, ଆମକୁ ଏପରି ଏକ ଧାର୍ମିକ ଐତିହ୍ୟ ଛାଡ଼ି ଯିବାର ଦାୟିତ୍ୱ ଦିଆଯାଇଛି ଯାହାକୁ ସେମାନେ ଅନୁସରଣ କରି ପାରିବେ । ମୁଁ ମୋର ପିତାମହୀ ଓ ମାତାମହୀ ଓ ମୋର ପିତାମାତାଙ୍କ ପ୍ରତି ଗଭୀର ଭାବେ କୃତଜ୍ଞ ଅଟେ । ଯେଉଁମାନେ ବିଶ୍ୱସ୍ତଭାବରେ ମୋତେ ପ୍ରଭୁଙ୍କ ମାର୍ଗରେ କଢ଼ାଇ ନେଇଥିଲେ । ସେମାନଙ୍କୁ ଦେଖି ଦେଖି ଓ ସେମାନଙ୍କ କଥା ଶୁଣି ଶୁଣି, ମୁଁ ଅନେକ କିଛି ଶିକ୍ଷା କରିଥିଲି । ସେମାନଙ୍କର ସ୍ଥାୟୀ ଐତିହ୍ୟ ନିମନ୍ତେ ଈଶ୍ୱରଙ୍କର ପ୍ରଶଂସା ହେଉ ।

ଯୋହନ ୧୫:୧୬ ଆମକୁ ସ୍ମରଣ କରାଇଦିଏ ଯେ ଯୀଶୁ ଖ୍ରୀଷ୍ଟ ଆମକୁ ଯିବା ପାଇଁ ଓ ସ୍ଥାୟୀ ଫଳ ଉତ୍ପନ୍ନ କରିବା ପାଇଁ ମନୋନୀତ କରିଥିଲେ । ଫଳକୁ ଯାହା ପ୍ରକୃତରେ ସ୍ଥାୟୀ କରେ, ତା' ହେଉଛି, ସମସ୍ତ ସମୟରେ ଧୈର୍ଯ୍ୟ ଧରି ରହିବା ।

## ୪. ପ୍ରତିବନ୍ଧକ ଓ ଆହ୍ୱାନଗୁଡ଼ିକ

ଆମେ ସମସ୍ତେ ପ୍ରଭୁଙ୍କଠାରେ ବୃଦ୍ଧି ପାଇବା ପାଇଁ ଓ ଆମ ବିଶ୍ୱାସରେ ଦୃଢ଼ ରହିବା ପାଇଁ ଇଚ୍ଛା କରୁ । କିନ୍ତୁ, ଆମର ଆତ୍ମିକ ଅଭିବୃଦ୍ଧିକୁ ବାଧା ଦେଉଥିବା ବାସ୍ତବ ଆହ୍ୱାନ ଅଛି ।

### କ. ବ୍ୟସ୍ତତା

ଆମର ସବୁଠାରୁ ବଡ଼ ପ୍ରତିବନ୍ଧକ ହେଉଛି, ବ୍ୟସ୍ତତା । ସମୟ-ସଞ୍ଚୟକାରୀ ଉପକରଣ ଓ ଯାନ୍ତ୍ରିକ ବିଦ୍ୟାର ପ୍ରଚୁରତା ସତ୍ତ୍ୱେ, ଆମ ଜୀବନ, କ୍ରମଶଃ, ବ୍ୟସ୍ତ ବହୁଳ ହୋଇଯାଉଛି । ବହୁଳ କାର୍ଯ୍ୟସୂଚୀ - କାର୍ଯ୍ୟ ଦାୟିତ୍ୱ, ପାରିବାରିକ ପ୍ରତିବଦ୍ଧତା ଓ ଏପରିକି ମଣ୍ଡଳୀ କାର୍ଯ୍ୟକଳାପରେ ପୂର୍ଣ୍ଣ ହୋଇ ରହୁଥିବାରୁ, ବେଳେ ବେଳେ ଆତ୍ମିକ ଅନୁଚିନ୍ତନ ଓ ଅଭିବୃଦ୍ଧି ପାଇଁ ସମୟ ମିଳୁ ନାହିଁ ।

ଆମେ ଲୋକମାନଙ୍କୁ ପ୍ରାୟ ଏହା କହୁଥିବାର ଶୁଣୁ ଯେ "ମୁଁ ବ୍ୟସ୍ତ, ବ୍ୟସ୍ତ, ଅତି ବ୍ୟସ୍ତ ଅଟେ ।" ଏହା ଆଧୁନିକ ପୃଥିବୀର ଏକ କୋଳାହଳମୟ ଜଗତ ଅଟେ । ଥରେ ମୁଁ ଗୋଟିଏ କୌତୁହଳପୂର୍ଣ୍ଣ ଶବ୍ଦାର୍ଥ (ବ୍ୟସ୍ତ–Busy ଶବ୍ଦର) ଶୁଣିଥିଲି ଓ ଏହା ପରେ ମୁଁ ବ୍ୟସ୍ତ (busy) କହିବା ଛାଡ଼ି ଦେଇଥିଲି । ବ୍ୟସ୍ତ (Busy) ହେଉଛି – "ଶୟତାନର ଜୁଆଳି ଅଧୀନରେ ରହିବା" (Being Under Satan's Yoke) । ଯଦି ଆମର କ୍ୟାଲେଣ୍ଡରଗୁଡ଼ିକ ଏପରି ପରିପୂର୍ଣ୍ଣ ଅଟେ ଯେ ଆମ ପାଖରେ ଆଉ ଈଶ୍ୱରଙ୍କ ସହିତ ଅନ୍ତରଙ୍ଗ ସମୟ କାଟିବା ପାଇଁ କିମ୍ବା ସହବିଶ୍ୱାସୀମାନଙ୍କ ସହିତ ସହଭାଗିତାକୁ ଉପଭୋଗ କରିବା ପାଇଁ ସମୟ ନ ଥାଏ, ତେବେ ଏହା ପ୍ରାର୍ଥନା ପୂର୍ବକ ଆମର କାର୍ଯ୍ୟସୂଚୀକୁ ପୁନଃ ପରୀକ୍ଷା କରିବାର ସମୟ ଅଟେ । ଯୀଶୁ ଖ୍ରୀଷ୍ଟ ନିଜେ ଅନେକ କାର୍ଯ୍ୟ ସତ୍ତ୍ୱେ, ନିଜ ପାଇଁ କିଛି ସମୟ ବାହାର କରୁଥିଲେ (ମାର୍କ ୧:୩୫) । ଆପଣଙ୍କର କ୍ୟାଲେଣ୍ଡରକୁ ଟିକେ ନିକଟରୁ ଦେଖି, କିଛି ସମୟ ତାଙ୍କଠାରେ ରହିବା ପାଇଁ କେଉଁ କେଉଁ କାର୍ଯ୍ୟକୁ ଦୂର କରାଯାଇପାରିବ, ଏହା ବିଚାର କରିବା ନିମନ୍ତେ ମୁଁ ଆପଣମାନଙ୍କୁ ଉତ୍ସାହିତ କରୁଛି ।

## ଖ. ଡ଼ିଜିଟାଲ ବିଭ୍ରାନ୍ତି

ହିସାବରୁ ଜଣା ପଡ଼େ ଯେ ଅଧିକାଂଶ ଲୋକ ଦିନକୁ ୩–୪ ଘଣ୍ଟା ସେମାନଙ୍କ ମୋବାଇଲ ଫୋନରେ ହିଁ କଟାଇ ଦିଅନ୍ତି । ପୁଣି ଏହା କେବଳ ସାଧାରଣ ଜନତା – ଯଦି ଆମେ ଯୁବାମାନଙ୍କ ବିଷୟକୁ ବିଚାର କରିବା, ତେବେ ଜାଣିପାରିବା ଯେ ସେମାନେ ପ୍ରାୟ ନିରନ୍ତର ସେମାନଙ୍କ ଡ଼ିଜିଟାଲ୍ ଉପକରଣ ଉପରେ ସମୟ କାଟନ୍ତି । ଏପରିକି ଯେତେବେଳେ ଆମେ କୌଣସି ବାଇବଲ 'ଆପ୍' ବ୍ୟବହାର କରି ବାଇବଲ ପଢ଼ିବାକୁ ଚେଷ୍ଟା କରୁ, ସେତେବେଳେ ବିଭିନ୍ନ ପ୍ରକାର ନୋଟିଫିକେସନ୍ ଯୋଗୁ, ଗୁରୁତରଭାବେ ଆମର ଦୃଷ୍ଟିଭଙ୍ଗ ହୁଏ ଓ ଆମେ ଅନ୍ୟମନସ୍କ ହୋଇଯାଉ । ଆମକୁ ଈଶ୍ୱରଙ୍କ ସହିତ ଆମର ସମୟକୁ ସୁରକ୍ଷିତ ରଖିବା ପାଇଁ ଉଦ୍ଦେଶ୍ୟପୂର୍ଣ୍ଣ ଓ ବ୍ୟବହାରିକ ସୀମା ନିର୍ଦ୍ଧାରଣ କରିବାକୁ ହେବ ।

## ଗ. ପାପର ଧାରାଗୁଡ଼ିକ !

ଅସ୍ୱୀକୃତ ପାପ ସବୁ ଈଶ୍ୱରଙ୍କ ସହିତ ଆମ ସଂପର୍କରେ ଏକ ପ୍ରତିବନ୍ଧକ ସୃଷ୍ଟି କରେ । ଯିଶାଇୟ ୫୯:୨ରେ ଲେଖାଅଛି, **"... ତୁମ୍ଭମାନଙ୍କର ଅପରାଧ ସବୁ, ତୁମ୍ଭମାନଙ୍କର ଓ ତୁମ୍ଭମାନଙ୍କ ପରମେଶ୍ୱରଙ୍କ ମଧ୍ୟରେ ବିଚ୍ଛେଦ ଘଟାଇଅଛି ...।"** ଦାଉଦ ମଧ୍ୟ ପ୍ରାର୍ଥନା କରିଥିଲେ, **"ଦୁଃସାହସଜନିତ ସବୁ ପାପରୁ ହିଁ ଆପଣା ଦାସକୁ ଅଟକାଇ ରଖ, ତାହାସବୁ ମୋ' ଉପରେ କର୍ତ୍ତୃତ୍ୱ ନ କରୁ..."** (ଗୀତସଂହିତା ୧୯:୧୩) । ଆମକୁ ବିଶେଷ ଭାବରେ ସ୍ୱେଚ୍ଛାପୂର୍ଣ୍ଣ ପାପ ବିଷୟରେ ଜାଗ୍ରତ ରହିବାକୁ ହେବ । ପ୍ରଭୁଙ୍କଠାରୁ ଏହାକୁ ଚିହ୍ନିବା ପାଇଁ ଶକ୍ତି ଓ ଏହାକୁ ଦୂର କରିବା ପାଇଁ ଅନୁଗ୍ରହ ମାଗନ୍ତୁ ।

## ଘ. ଆତ୍ମିକ କ୍ଳାନ୍ତି !

ଯେତେବେଳେ ଆମେ ଈଶ୍ୱରଙ୍କ ସହିତ କମ୍ ସମୟ କାଟୁ, ସେତେବେଳେ ଆମେ ଏକ ହ୍ରାସ ପାଉଥିବା ଆତ୍ମିକ ସମ୍ବଳର ସ୍ଥାନରୁ କାର୍ଯ୍ୟ କରିବା ଆରମ୍ଭ କରୁ । ଏହା ଅବଶ୍ୟମ୍ଭାବୀ ଭାବରେ ହତାଶ, ବିରକ୍ତି ଓ କ୍ଳାନ୍ତି ଦିଗକୁ କଢ଼େଇ ନିଏ । ମୁଁ ପ୍ରାୟ ଏପରି ଲୋକଙ୍କୁ ଦେଖେ, ଯେଉଁମାନେ ଦିନେ ଉତ୍ସାହ ଓ ଶକ୍ତିର ସହିତ ଦୌଡୁଥିଲେ, ମାତ୍ର ଅତିଶୀଘ୍ର କ୍ଳାନ୍ତଶ୍ରାନ୍ତ ହୋଇଯାଇଥିଲେ ।

ଆମେ ଏକ ସୁସ୍ଥ ସନ୍ତୁଳନ ରକ୍ଷା କରିବା ଗୁରୁତ୍ୱପୂର୍ଣ୍ଣ ଅଟେ । ପ୍ରଭୁଙ୍କଠାରେ ଆନନ୍ଦ ଆମର ଶକ୍ତିକୁ ଧରି ରଖେ । ଆମେ ନିୟମିତ ଭାବେ ତାଙ୍କ ଉପସ୍ଥିତିରେ ରହି ଓ ତାଙ୍କଠାରୁ ନୂତନ ଶକ୍ତି ଓ ଦର୍ଶନ ଆକର୍ଷଣ କରି ନିଜ ନିଜକୁ ପୁନଃ ପୁନଃ ଶକ୍ତିଯୁକ୍ତ କରିବା ଆବଶ୍ୟକ ।

ଯଦି ଆପଣମାନଙ୍କ ମଧ୍ୟରୁ କେହି ଆଜି କ୍ଳାନ୍ତ ଅନୁଭବ କରୁଛନ୍ତି, ତେବେ ଏହା ସ୍ମରଣ କରନ୍ତୁ ଯେ ଯୀଶୁ ଖ୍ରୀଷ୍ଟ ଆହ୍ୱାନ କରୁଛନ୍ତି :

**"ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକମାନେ, ମୋ' ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି" (ମାଥିଉ ୧୧:୨୮) ।**

ପ୍ରିୟ ଭାଇ ଓ ଭଉଣୀମାନେ, ଈଶ୍ୱର କିପରି ଫଳ ଧାରଣ କରିବା ପାଇଁ ଆମକୁ ଆହ୍ୱାନ କରିଛନ୍ତି, ତାହା ଉପରେ ଆମେ ଚିନ୍ତା କରିଅଛୁ ଓ ଏହା ତାଙ୍କଠାରେ ରହିବା ଦ୍ୱାରା ହିଁ ସମ୍ଭବ ଅଟେ ବୋଲି ଆମେ ଜାଣୁ । ତାଙ୍କଠାରେ କିପରି ରହିବାକୁ ହେବ ଓ ସ୍ଥାୟୀ ଫଳ ଧାରଣ କରିବାକୁ ହେବ, ଏହା ଉପରେ ଆମେ ଚିନ୍ତା କରିଅଛୁ ।

ମାତ୍ର ଆମକୁ ପ୍ରତିବନ୍ଧକଗୁଡ଼ିକ ବିଷୟରେ ମଧ୍ୟ ସଚେତନ ହେବାକୁ ପଡ଼ିବ । ଆତ୍ମା ଇଚ୍ଛୁକ ହୋଇପାରେ, କିନ୍ତୁ ଶରୀର ଦୁର୍ବଳ ଅଟେ ।

ଆମେ ଆମ ହୃଦୟକୁ ପରୀକ୍ଷା କରୁଥିବା ସମୟରେ, ପ୍ରଭୁ ଯେପରି ଆମକୁ ସେହି କ୍ଷେତ୍ରଗୁଡ଼ିକୁ ଦେଖାଇବେ, ଯେଉଁ ଗୁଡ଼ିକରେ ଆମେ ବୃଦ୍ଧି ଆବଶ୍ୟକ କରୁଅଛୁ, ଏଥିପାଇଁ ପ୍ରାର୍ଥନା କରୁଅଛି । ଏହା ଫଳରେ ଆମେ ତାଙ୍କ ରାଜ୍ୟ ପାଇଁ ଅଧିକ ଫଳପୂର୍ଣ୍ଣ ହୋଇପାରିବା ।

ଈଶ୍ୱର ଆମକୁ ସ୍ୱାଧୀନ ଇଚ୍ଛାରୂପକ ବହୁମୂଲ୍ୟ ଦାନ, ଅର୍ଥାତ୍ ସ୍ୱାଧୀନତା ଦେଇଛନ୍ତି । ପ୍ରଶ୍ନ ହେଉଛି : ଏହାକୁ ନେଇ ଆମେ କ'ଣ କରିବା ?

ଆସନ୍ତୁ, ଆମେ ତାଙ୍କର ଗୌରବ ନିମନ୍ତେ ଏହାକୁ ବ୍ୟବହାର କରିବା ପାଇଁ ମନୋନୀତ କରିବା ।

************

## ଆହ୍ୱାନ ପ୍ରତିଧ୍ୱନି ସେବାକାର୍ଯ୍ୟ


୫୭ତମ ବର୍ଷ ଶୁଭାରମ୍ଭ ସଭା !

ତାରିଖ
୨୦୨୫, ଶୁକ୍ରବାର, ଅଗଷ୍ଟ ୮ ରୁ
ରବିବାର ୧୦ ପର୍ଯ୍ୟନ୍ତ

**ECHO OF HIS CALL**
Main Church at Chepauk,
Chennai - 600 005.

ଭଉଣୀ ଆଞ୍ଜେଲିନା ସେଲ୍‌ଭାକୁମାରୀ
ସହ–ପାଳକ

**Please Pray and Participate!**



**WANTED**



1. କମ୍ପ୍ୟୁଟର ଅପରେଟରମାନେ (with typing knowledge)
2. ASSISTANT PRINTING PRESS OPERATORS

ଯୋଗାଯୋଗ : ECHO OF HIS CALL (+91) 98412 71858, E.mail : sam@echoofhiscall.org

**ବିଜ୍ଞାପନ**

ଆପଣମାନଙ୍କର ମୋବାଇଲ ଫୋନ୍‌ରେ ଆମର ମୋବାଇଲ ନମ୍ବରଗୁଡ଼ିକୁ
(୯୧–୯୮୪୧୦୭୧୮୫୮),
(୯୧–୯୮୪୧୨୭୧୮୫୮)
(ମୁଖ୍ୟ ନମ୍ବର) – ସଂରକ୍ଷିତ ରଖନ୍ତୁ ।
ସମ୍ପାଦକ

Posted at "Egmore RMS Patrika Channel" RNI NO. 70105/98, Postal Regn. No. TN/CH/(C)/198/24-26 WPP NO. TN/PMG(CCR)/WPP-265/24-26

## ଆହ୍ୱାନର ପ୍ରତିଧ୍ୱନି

**YouTube**

Please subscribe

ଦୟାକରି ଆପଣଙ୍କ ସମୟ ଅନୁସାରେ ‘‘ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ ଓ ଏହାର ସଭ୍ୟ ହୁଅନ୍ତୁ ।

–ସଂପାଦକ –

## OUR BANK DETAILS:

### *1. Bank : State Bank of India*

Branch : **Triplicane, Chennai-5**
Name : **S. Sam Selva Raj**
A/C No. : **1023 2934 679**
IFSC : **SBIN 00 00 249**
SWIFT CODE : **SBI NIN BB 455**

### *2. Bank : ICICI Bank*

Branch : **Anna Salai, Chennai-6**
Name : **Echo of His Call**
A/C No. : **6038 0502 2319**
IFSC : **ICIC 000 6038**

### *3. Bank : State Bank of India*

(This Account is for Tax Exemption for Indians only )

Branch : **Triplicane, Chennai-5**
Name : **Echo of His Call Educational Trust**
A/C No. : **1023 2923 805**
IFSC : **SBIN 00 00 249**

**Google Pay: 98410 71858**
**PayPal : SAM SELVA RAJ**

*****

**E.mail : sam@echoofhiscall.org**

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

**ବାର୍ଷିକ ଦେୟ – ଟ. ୧୦୦/-** **ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦**

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ ‘ଆହ୍ୱାନର ପ୍ରତିଧ୍ୱନି’ ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ ‘‘ଆହ୍ୱାନର ପ୍ରତିଧ୍ୱନି’’ ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ-ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ ‘‘ଆହ୍ୱାନର ପ୍ରତିଧ୍ୱନି’’ ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ ‘‘ଆହ୍ୱାନର ପ୍ରତିଧ୍ୱନି’’ କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ-ମେଲ ଠିକଣା ଜଣାନ୍ତୁ ।

**ଆମର ଠିକଣା :**

**ECHO OF HIS CALL**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.org

**YOU CAN SEND YOUR DONATION ONLINE ALSO**

**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/24-26**
**Licence No. WPP. No. TN/PMG(CCR)/WPP-265/24-26**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS Patrika Channel"**
**on 18th AUGUST 2025.**
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

***JESUS LOVES YOU!***

**To**

***GOD BLESS YOU!***

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers,** New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**